ସକାଳ
THE SAKALA



# ଶ୍ରମକୋଡ୍‌କୁ ବିରୋଧ କରି ଶ୍ରମିକ ଶ୍ରେଣୀର ମିଳିତ ସଂଗ୍ରାମ ପାଇଁ ଆହ୍ୱାନ

**ବାଲେଶ୍ୱର, ୩।୫ (ସମିସ):** ଟିୟୁଏସିସି (ଟ୍ରେଡ୍ ୟୁନିୟନ୍ ଆସୋସିଏସନ୍ କୋର୍ଡିନେସନ୍ କମିଟି) ଓ ମଇ ଦିବସ କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ସହ ଶ୍ରମିକ ଦିବସ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଲାଲ୍ ପତାକାକୁ ବିଚାରଗଞ୍ଜ ଛକ ପାଶ୍ୱର୍ରେ ଉତ୍ତୋଳନ କରାଯାଇଥିଲା। ଶ୍ରମିକ ନେତାମାନେ ସହର ଓ ସହର ସଂଲଗ୍ନ ଶିଳ୍ପାଞ୍ଚଳରେ ବିଭିନ୍ନ ଶ୍ରମିକ ସଂଗଠନର କାର୍ଯ୍ୟାଳୟ ଏବଂ ଶିଳ୍ପ ପ୍ରତିଷ୍ଠାନମାନଙ୍କ ସମ୍ମୁଖରେ ଲାଲ୍ ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ଗାନ୍ଧି ସ୍ମୃତି ଭବନ ସମ୍ମୁଖରେ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ତଥା ଟିୟୁଏସିସି ଅଧ୍ୟକ୍ଷ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଉପାଧ୍ୟକ୍ଷ ଶାନ୍ତନୁ ଦାସ ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇଟିୟୁସିରୁ ଭାଗବତ ପ୍ରତିହାରୀ, ସିଆଇଟିୟୁରୁ ଶିଶିର ହୁଇ, ଏଆଇୟୁଟିୟୁସିରୁ ଉମାକାନ୍ତ ଦାସ, ଆଇଏନ୍‌ଟିୟୁସିରୁ ଜୀବନକୃଷ୍ଣ ବାରିକ, ବ୍ୟାଙ୍କ୍ କର୍ମଚାରୀ ନେତା ସୁଦର୍ଶନ ଜେନା, ପ୍ରତିରକ୍ଷା କର୍ମଚାରୀ ନେତା ଜଗଦୀଶ ବାରିକ କେନ୍ଦ୍ର ସରକାର ୪୪ ଟି ଶ୍ରମ ଆଇନକୁ ସଂଶୋଧନ କରି ୪ଟି ଶ୍ରମକୋଡ୍ ପ୍ରଚଳନକୁ ଓ ଆଠ ଘଣ୍ଟା କାର୍ଯ୍ୟ ଦିବସର ସମୟ ୧୦ ଘଣ୍ଟା ବୃଦ୍ଧିକୁ ଦୃଢ଼ ବିରୋଧ କରିଥିଲେ। ଶୋଭାଯାତ୍ରାରେ ଶହଶହ ଶ୍ରମିକ କର୍ମଚାରୀ ସହର ପରିକ୍ରମା ପରିକ୍ରମା କରି ସମାବେଶ ସ୍ଥଳରେ ପହଞ୍ଚିବା ପରେ ଟିୟୁଏସିସି ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ୧୯୭୫ ମସିହାରୁ ବାଲେଶ୍ୱରରେ ଶ୍ରମିକ ଶ୍ରେଣୀର ଗୌରମମୟ ସଂଗ୍ରାମ ଇତିହାସ ସଂପର୍କରେ ସୂଚନା ଦେଇଥିଲେ। ଶେଷରେ ଜୀବନ ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

# ଦୁଇ ଲକ୍ଷର ଜିଞ୍ଜିର ଜବତ, ୭ ଗିରଫ

**ବାଲେଶ୍ୱର/ସୋର,୩।୫(ସମିସ)**



ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଆଜି ଅନନ୍ତପୁର ଠାରେ ଚଢ଼ାଉ କରାଯାଇ ବହୁ ପରିମାଣରେ ଜିଞ୍ଜିର ଜବତ କରାଯାଇଛି। ଏହାସହ ୭ଜଣ ବେପାରୀକୁ ମଧ୍ୟ ଗିରଫ କରାଯାଇଛି। ଗିରଫ ହୋଇଥିବା ବେପାରୀମାନେ ହେଲେ କପିଳ ମଲ୍ଲିକ(୪୬), ଶ୍ରୀହରି ଦାସ, ବୁଲୁ ମଲ୍ଲିକ(୪୫), ସୁଶାନ୍ତ ମଲ୍ଲିକ, ରାଜେଶ ମଲ୍ଲିକ, ଜୁଲୁକା ମଲ୍ଲିକ ଏବଂ ନିରାକର ମଲ୍ଲିକ। ସେହିପରି ଜଣେ ବେପାରୀ କାହ୍ନୁଚରଣ ନାୟକ ଫେରାର ହୋଇଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ସେମାନଙ୍କ ବିରୋଧ ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରିଛି। ଅନନ୍ତପୁର ଅଂଚଳରେ ବ୍ୟାପକ ଭାବେ ଚୋରା ଜିଞ୍ଜିର କାରବାର ହେଉଥିବା ନେଇ ଅବକାରୀ ବିଭାଗ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏନେଇ ଏକ ଟିମ ଅନନ୍ତପୁରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ୬ଜଣ ବେପାରୀକୁ ଗିରଫ କରିବା ସହ ସେମାନଙ୍କ ଠାରୁ ମୋଟ ୪୦୫ଲିଟର ଜିଞ୍ଜିର ଜବତ କରିଛି। ଯାହାର ମୂଲ୍ୟ ଦୁଇ ଲକ୍ଷ ୨୨ହଜାର ୭୫୦ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏହାଛଡ଼ା ୬ଟି ମୋଟର ସାଇକେଲ ଜବତ କରାଯିବା ସହ ୩୦ଲିଟର ବିଦେଶୀ ମଦ ମଧ୍ୟ ଜବତ କରାଯାଇଛି। ଏହି ଚଢ଼ାଉରେ ଭ୍ରାମ୍ୟମାଣ ଅବକାରୀ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଖଇରାରେ ବିଜେପିର ମିଶ୍ରଣ ପର୍ବ



**ଖଇରା,୩।୫ (ସମିସ):** ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅଧୀନ ଖଇରା ଦୂର୍ଗାମଣ୍ଡପରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ରାଜ୍ୟ ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ଯୋଗ ଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ପଦ୍ମଲୋଚନ ପଣ୍ଡା,ଜିଲା ଭାଜପା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଷ ପ୍ରସାଦ ମହାପାତ୍ର, ପୂର୍ବତନ ଜିଲା ସଭାପତି ଲମ୍ବୋଧର ନାୟକ, ହରେକୃଷ୍ଣ ଦାଶ, କିଶୋର ଦାସ, ପ୍ରାକ୍ତନ ବ୍ଲକ ସଭାପତି ନିରଞ୍ଜନ ବେହେରା, ଯୁବନେତା ନିଳମାଧବ ପଣ୍ଡା, ରାଜ୍ୟ ଉପସଭାପତି ସିପ୍ରା ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ସାରକୋଣା ସରପଞ୍ଚ ସୁଶାନ୍ତ ନାୟକ, କଇଥଗଡିଆ ସରପଞ୍ଚ ଗୋବର୍ଦ୍ଧନ ପାଇକରାୟ ଓ ସମିତିସଭ୍ୟ ନରୋତ୍ତମ ମହିମା ଜେନା, ରପେୟା ସରପଞ୍ଚ ମଞ୍ଜୁଲତା ସାମଲ, ମହତୀପୁର ସମିତିସଭ୍ୟା ଭାନୁପ୍ରିୟା ସାହୁ,ପ୍ରାକ୍ତନ ଜିଲାପରିଷଦ ସଭ୍ୟ ରାଧାକାନ୍ତ ପାତ୍ର, ଗୋଳିହା ସମିତିସଭ୍ୟ ରଞ୍ଜନ ରାଉତ, ସାରୁଗା ସରପଞ୍ଚ ପ୍ରାର୍ଥୀ ଗୌତମ ରାଉତ, ମାଣିତ୍ରୀ ପ୍ରାକ୍ତନ ସମିତିସଭ୍ୟ ପ୍ରଫୁଲ୍ଲ ଦାସ, ପ୍ରିତମ ନାୟକ,ସୌମ୍ୟ ରଞ୍ଜନ ନାୟକ ପ୍ରମୁଖ କୈଳାସ ମାଝୀ, ଅଜୟ କୁମାର ବେହେରା, ପତିତପାବନ କର ଓ ମାୟାଧର କୁଅଁର ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

### ବିଜେପି କର୍ମୀ ବିଜେପିରେ ମିଶିଲେ: ଜ୍ୟୋତି

ଏଭଳି ମିଶ୍ରଣ ସମ୍ପର୍କରେ ଜିଲା ବିଜେଡି ସଭାପତି ତଥା ସିମୁଳିଆର ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରତିକ୍ରିୟା ଦେଇ କହିଛନ୍ତି ଯେଉଁ ମାନେ ରବିବାର ବିଜେପିରେ ମିଶିଲେ ଜଣେ ହେଲେ ନେତା ବିଜେଡିରେ ସକ୍ରିୟ ଭାବେ କାର୍ଯ୍ୟ କରୁନଥିଲେ। ବରଂ ସେମାନେ ବିଜେପି ସହିତ ମିଶି କାର୍ଯ୍ୟ କରି ବିଜେଡିର କ୍ଷତି କରୁଥିଲେ। ଏଣୁ ବିଜେପି ନେତା ବିଜେପିରେ ମିଶିଲେ। ଏହା ତାଙ୍କ ଦଳ କୌଣସି ପରିସ୍ଥିତିରେ ପ୍ରଭାବିତ କରିବ ନାହିଁ ବୋଲି ସେ କହିଥିଲେ।

# ବିଏସ୍‌ପି ପକ୍ଷରୁ ବୁଦ୍ଧ ଜୟନ୍ତୀ

**ବାଲେଶ୍ୱର, ୩।୫(ସମିସ):** ବହୁଜନ ସମାଜ ପାର୍ଟି (ବିଏସପି) ପକ୍ଷରୁ ବରିଷ୍ଠ ନେତା ପ୍ରହଲ୍ଲାଦ ଦାସଙ୍କ ଅଧ୍ୟକ୍ଷତାରେ ଆମ୍ବେଦକର ଭବନରେ ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ବିଏସ୍‌ପିର ବହୁ କର୍ମକର୍ତ୍ତା ଜୟନ୍ତୀ ଉତ୍ସବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସଭାପତି ଡାକ୍ତର ମନୋଜ କିଶୋର ମାଝୀ ଯୋଗଦେଇ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଭୀଷିକା ଉପରେ ବୁଦ୍ଧଙ୍କ ବାଣୀ ଉଲ୍ଲେଖ କରିଥିଲେ। ସମାଜସେବୀ ପ୍ରଫୁଲ୍ଲ ଜେନାଙ୍କ ଉପସ୍ଥିତିରେ ନେତ୍ରୀ ଦେବସ୍ମିତା ଦାସ ବୁଦ୍ଧ ବନ୍ଦନା ଗାନ କରିଥିଲେ। ସଭାରେ ସର୍ବଶ୍ରୀ ଭୋଳାନାଥ ବେହେରା, ଗୋବିନ୍ଦ ବେହେରା, କୈଳାସ ଦାସ, ସମାଜସେବୀ ସଂଗ୍ରାମ କିଶୋର ମାଝୀ, ଉପେନ୍ଦ୍ର ଦାସ, ଗଗନ ପାତ୍ର, ନିରୁପମା ପାତ୍ର, ନିରଞ୍ଜନ ମହାଳିକ, ମନୋରଞ୍ଜନ ମହାଳିକ, ଦିଲ୍ଲୀପ ମାଝୀ, ମିନତୀ ଜେନା ଉପସ୍ଥିତ ଥିଲେ। ନେତ୍ରୀ ଆରତୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଗବତ ପ୍ରସାଦ ଦାସଙ୍କ 'ସ୍ମୃତିକୈବଲ୍ୟ' ଲୋକାର୍ପିତ



**ରେମୁଣା, ୩।୫ (ସମିସ):** ସୀତା ସୁରେନ୍ଦ୍ର ପାଠାଗାର ଆନୁକୂଲ୍ୟରେ ଏହାର ପରିସରରେ ଡ଼. ଭାଗବତ ପ୍ରସାଦ ଦାସଙ୍କ ଦ୍ୱାଦଶତମ ଗ୍ରନ୍ଥ "ସ୍ମୃତିକୈବଲ୍ୟ "ଲୋକାର୍ପିତ ହୋଇଯାଇଛି। କବି ନିରଞ୍ଜନ ସାହୁଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରେମୁଣା ପୋଲିଟେକନିକର ପୂର୍ବତନ ଅଧ୍ୟକ୍ଷ ଇଂ ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବେ ସୁବେଦାର ମେଜର ଗିରିଶ କୁମାର ଷଡ଼ଙ୍ଗୀ, ସମ୍ମାନନୀୟ ଅତିଥି ଭାବେ ଗାଳ୍ପିକ କମଳ ଦାସ, ଯୋଗେନ୍ଦ୍ର ନାଥ ସିଂହ, ପ୍ରଭାକର ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିକୈବଲ୍ୟ ଦିବଂଗତ ପ୍ରତିଭାଙ୍କର ଏକ ମନ୍ମୟ ଆଲେଖ୍ୟ ଓ ଭାବୀ ଗବେଷକ ମାନଙ୍କପାଇଁ ଏକ ଦିଗବାରିଣୀ ହେବ ବୋଲି ମତ ଦେବାସହ ଡ଼. ଦାସଙ୍କର ଏତାଦୃଶ୍ୟ ସାରସ୍ୱତ ପ୍ରତିବର୍ଦ୍ଧତାକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ମାନଙ୍କ ମଧ୍ୟରୁ କ୍ଷୀରଚୋରା ପବ୍ଲିକ ସ୍କୁଲର ଅଧ୍ୟକ୍ଷ ବୃନ୍ଦାବନ ବେହେରା, କବି ଚକ୍ରଧର ଦାସ, ରମେଶ ମହାରଣା, ମଧୁସୂଦନ ମାଝୀ, ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ବାସନ୍ତୀ ଦାସ, ଜୟଶ୍ରୀ ମିଶ୍ର, ସଇଦନ ବିବି, ଅଜୟ ବାରିକ, ରମେଶ ବେହେରା, ଅଜୟ ନାୟକ, ସୁକାନ୍ତି ପାଣିଗ୍ରାହୀ, ନରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ । ଲେଖକ ଡ଼. ଦାସ ଲେଖକୀୟ ଅଭିବ୍ୟକ୍ତ ପ୍ରକାଶ କରିଥିବା ବେଳେ ପ୍ରକାଶିକା ଶାନ୍ତିଲତା ମହାନ୍ତି ପ୍ରକାଶକୀୟ ଅଭିମତ ରଖିଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ, କଣ୍ଠଶିଳ୍ପୀ ହିରାଲାଲ ପାକଳ ସ୍ୱାଗତ ସଂଗୀତ ଓ ଶୁଭମ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରିତମ ସ,ଦେବାଶିଷ ମିଶ୍ର, ଅମ୍ରିତା ଦାସ, ଅର୍ପିତା ଦାସ, ସନ୍ଧ୍ୟାରାଣୀ ଦାସ ଓ ବୈଭବ ମିଶ୍ର ଆଦି ପରିଚାଳନା କରିଥିଲେ।

# ବସ୍‌କୁ ପିଟିଲା ଅଟୋ, ଚାଳକ ଗୁରୁତର

**ସୋର, ୩।୫ (ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବାହାନଗା ନିକଟରେ ଏକ ଘରୋଇ ବସ ପଛରୁ ଏକ ଅଟୋ ଧକ୍କା ଦେବା ଫଳରେ ଅଟୋ ଚାଳକ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଥିଲେ। ଆଜି ମଧ୍ୟାହ୍ନରେ ବାଟି ଅଞ୍ଚଳର ଅକ୍ଷୟ ନାୟକ ତାଙ୍କର ଅଟୋ ନେଇ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ବାହାନଗା ବସଷ୍ଟାଣ୍ଡ ନିକଟରେ ଆଗରେ



ଯାଉଥିବା ନିନି ନାମକ ଘରୋଇ ବସ ହଠାତ ବ୍ରେକ ମାରି ଅଟକିଥିଲା। ପଛରେ ଯାଉଥିବା ଅଟୋର ଚାଳକ ଅକ୍ଷୟ ଭାରସାମ୍ୟ ହରାଇ ବସ ପଛରୁ ଧକ୍କା ଦେଇଥିଲା। ଫଳରେ ଅକ୍ଷୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସାପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋ ଟିକୁ ଜବତ କରି ସୋର ଥାନାରେ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# କରଞ୍ଜିଆ ପଞ୍ଚାୟତ ତରଫରୁ ଜଳଛତ୍ର

**ବାଲେଶ୍ୱର,୩।୫ (ସମିସ):** ରେମୁଣା ବ୍ଲକ ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତର ସତ୍ୟନଗର ଠାରେ ପଞ୍ଚାୟତ ତରଫରୁ ଏକ ଜଳଛତ୍ର କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି କେନ୍ଦ୍ରକୁ ସରପଞ୍ଚ ମୁକୁନ୍ଦ ଭାରତୀ, ସମିତି ସଭ୍ୟା ମାଳତୀ ଲତା ମହାଳିକ ଉଦଘାଟନ କରି ଜଳ ହିଁ ଜୀବନ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସମାଜସେବୀ ମାୟାଧର ମହାଳିକ, ସମ୍ବିତ କୁମାର ବେହେରା, ସତ୍ୟ ନଗର ବିକାଶ ପରିଷଦ ସଭାପତି ପଞ୍ଚାନନ ମହାନ୍ତି, ମାନସ ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା, ଲକ୍ଷ୍ମୀଧର ପାତ୍ରଙ୍କ ସମେତ କରଞ୍ଜିଆ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# କଣ୍ଟେନରରେ ଚାଲାଣ ବେଳେ ୧୫ ଗୋରୁ ଉଦ୍ଧାର

**ଜଳେଶ୍ୱର, ୩।୫ (ସମିସ):** ଓଡ଼ିଶାରୁ ପଶ୍ଚିମବଙ୍ଗକୁ କଣ୍ଟେନରରେ ଗୋରୁ ଚୋରା ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଧରାପଡିଲା। ୧୫ରୁ ଉର୍ଦ୍ଧ ଗୋରୁକୁ ଉଦ୍ଧାର କରିବା ସହିତ ଗୋରୁ ମାଫିଆକୁ ଗିରଫ ଦାବିରେ ପୁଲିସକୁ ଠେଲାପେଲା, ଘଟଣା ସ୍ଥଳରେ ଉତ୍ତେଜନା। ଘଟଣାନୁଯାୟୀ ଆଜି ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥ ଦେଇ ଏକ କଣ୍ଟେନରରେ ଗୋରୁ ବୋଝେଇ ହୋଇ ଚୋରା ଚାଲାଣ ହେଉଥିବାର ଖବର ପାଇଁ ସ୍ଥାନୀୟ ଲୋକେ ଗୋଡାଇ ଗୋଡାଇ ଧାନସିମୁଳିଆ ଠାରେ ଧରିଥିଲେ। ଖବରପାଇ ଜଳେଶ୍ୱର ପୁଲିସ ଘଟଣା ସ୍ଥଳରେ ପହଂଚି କଣ୍ଟେନରରେ ଥିବା ୧୫ରୁ ଉର୍ଦ୍ଧ ଗୋରୁକୁ ଜବତ କରିଥିଲା। ମାତ୍ର କଣ୍ଟେନର ମଧ୍ୟରେ ଲୁଚି ରହିଥିବା ଗୋରୁ ମାଫିଆକୁ ଗିରଫ କରିବା ଦାବୀରେ ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା।



ପୋଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ଗୋରୁ ମାଫିଆକୁ ଅଟକ ରଖି ଅଧିକ ତଦନ୍ତ କରୁଥିବା ଜଣାଯାଇଛି। ଜବତ ଗୋରୁ ଗୁଡିକୁ ଗୋଶାଳାରେ ଛଡାଯିବ ବୋଲି ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେରା ସୂଚନା ଦେଇଛନ୍ତି।

# ନୀଳରକ୍ତ କଙ୍କଡା ଓ ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା ପ୍ରତି ପ୍ରଶାସନ ଦୃଷ୍ଟି ଦେଉ

**କାଳିପଦା, ୩।୫ (ସମିସ):** ବାଲେଶ୍ୱର ଜିଲ୍ଲା ଲଙ୍ଗଳେଶ୍ୱର ବନ ବିଭାଗ ଅଧିନସ୍ତ ଚୌମୁଖ,ଡଗରା ସମୁଦ୍ର ବେଳାଭୂମି ବିଗତ କେତେବର୍ଷ ହେବ ଅଲିଭ ରିଡଲେ କଇଁଛ ଓ ନାଲି କଙ୍କଡାଙ୍କ ଅଣ୍ଡା ଦାନ ସ୍ଥଳୀ ପାଲଟିଛି। ବର୍ଷକୁ ଶହ ଶହ ଅଲିଭ ରିଡ଼ଲେ କଇଁଛ ପର୍ଯ୍ୟାୟ କ୍ରମେ ଏଠାକୁ ଆସି ଅଣ୍ଡା ଦେଇ ପୁଣି ସମୁଦ୍ରକୁ ଫେରି ଯାଉଛନ୍ତି। ଅଣ୍ଡା ଦାନର ପାଖପାଖି ଦୁଇମାସ ମଧ୍ୟରେ ଅଣ୍ଡାରୁ ଶାବକ ଜନ୍ମ ନେଇ ସମୁଦ୍ରକୁ ଚାଲିଯାଆନ୍ତି। ଡଗରା ଚୌମୁଖ ସମୁଦ୍ର ବେଳାଭୂମି ଅଲିଭ ରିଡଲେ କଇଁଛର ଅଣ୍ଡା ଦାନର ଉପଯୁକ୍ତ ସ୍ଥାନ ହୋଇଥିଲେ ମଧ୍ୟ ଚଳିତ ବର୍ଷ ବହୁ କମ ସଂଖ୍ୟକ ଅଲିଭ ରିଡଲେ କଇଁଛ ଅଣ୍ଡା ଦେବାକୁ ଆସିଥିଲେ। ସମୁଦାୟ ୧୨ ଟି ପର୍ଯ୍ୟୟରେ ଶତାଧିକ ଅଣ୍ଡା ବନବିଭାଗ ସଂଗ୍ରହ କରିଥିବା କଥା ଫରେଷ୍ଟ ଗାର୍ଡ ପ୍ରକାଶ କରିଛନ୍ତି। ପ୍ରଥମେ ଅଣ୍ଡା ଗୁଡିକୁ ସଂଗ୍ରହ କରାଯାଇ ଅସ୍ଥାୟୀ ହେଚେରୀରେ ୫୨ଦିନ ରଖାଯିବା ପରେ ସେଥିରୁ ଛୁଆ ବାହାରେ। ପରେ ଛୁଆ ଗୁଡ଼ିକୁ ସମୁଦ୍ରରେ ଛଡାଯାଇଥାଏ। ତେବେ ଚଳିତ ବର୍ଷ ଡଗରା ବନବିଭାଗର ଦାୟିତ୍ୱରେ ଥିବା କର୍ମଚାରୀମାନେ ଅଳ୍ପ ସଂଖ୍ୟକ ଅଲିଭ ରିଡ଼ଲେ କଇଁଛ ଶାବକମନଙ୍କୁ ସମୁଦ୍ରରେ ଛାଡିଛନ୍ତି। ଅବହେଳାରୁ ବହୁ କଇଁଛ ଧୀବର ମାନଙ୍କ ଜାଲ ରେ ପଡି ମୃତ୍ୟୁବରଣ କରୁଛନ୍ତି। ସେହିପରି ନୀଳ ରକ୍ତ କଙ୍କଡା ମଧ ଏହି ବେଳାଭୂମି ଓ ସମୁଦ୍ରରେ ଏବେ ବହୁ ସଂଖ୍ୟାରେ ଦେଖା ଯାଉଛନ୍ତି। ଏହି କଙ୍କଡାଙ୍କ ରକ୍ତରୁ ବହୁ ଦୁର୍ମୂଲ୍ୟ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ ହେଉ ଥିବାରୁ ଏହି କଙ୍କଡାଙ୍କ ସୁରକ୍ଷା ଏବେ ଜରୁରୀ ହୋଇ ପଡିଛି। ପ୍ରକୃତି ପ୍ରେମୀଙ୍କ ପାଇଁ ମଧ ଏହା ଶୁଭ ସୂଚନା। ଏହି ବେଳାଭୂମିରେ ମାଳ ମାଳ ନାଲି କଙ୍କଡାଙ୍କ ସମାବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ସମୁଦ୍ର ବାଲିରେ ଫୁଟେ ଦୁଇ ଫୁଟ ଗାତ କରି ରହୁଥିବା ନାଲି କଙ୍କଡା ପର୍ଯ୍ୟଟକଙ୍କ ସହିତ ଖୁବ ଲୁଚକାଳି ଖେଳ ଖେଳନ୍ତି। ଠିକ ସନ୍ଧ୍ୟା ସମୟକୁ ଏହି କଙ୍କଡା ଗୁଡିକ ସମୁଦ୍ର ତଟ ଜଳକୁ ଯାଇ ଖେଳି ବୁଲନ୍ତି। ଏହା ମଧ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ପ୍ରକୃତିର ଏହି ବିଚିତ୍ର ସମାବେଶ ଆଜି କିଛି ମୁଷ୍ଟିମେୟ ଲୋକ ଓ ବନ ବିଭାଗର ଅବହେଳାରୁ ଧ୍ୱଂସ ମୁଖରେ। ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେବାକୁ ଗଗନ ଧଳ, ସୁବଳ ମଣ୍ଡଳ, ଦୈତାରୀ ମଣ୍ଡଳ, ଘନଶ୍ୟାମ ଦାସ, ସୁମତୀ ବେବର୍ତ୍ତା, ଜଳଧର ବେହେରା, ଗୁଣାକର ବେହେରା, ମୃତ୍ୟୁଞ୍ଜୟ ସାମଲ, ରତ୍ନାକର ଦାସ ପ୍ରମୁଖ ଦାବି କରିଛନ୍ତି।

# ଦୁର୍ଘଟଣାରେ ଗୁରୁତର ମହିଳାଙ୍କ ମୃତ୍ୟୁ

**ସୋର, ୩।୫ (ସମିସ):** ସୋର ଥାନା ସିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମର ଜୟନ୍ତି ଧଳ(୫୫) ଗତକାଲି ସଂଧ୍ୟାରେ ମଙ୍ଗଳପୁର ବଜାରକୁ ଚାଲିଚାଲି ଆସୁଥିବା ବେଳେ ଜୋକା ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କର ରକ୍ତସ୍ରାବ ବନ୍ଦ ନ ହେବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଆଜି ଭୋର ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଖବର ପାଇ ମେଡିକାଲ ଫାଣ୍ଡି ପୁଲିସ ମେଡିକାଲରେ ପହଞ୍ଚି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏ ବାବଦରେ ସୋର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମହିଳା ଖବରକାଗଜ ବିତରକ ଅନ୍ନପୂର୍ଣ୍ଣା ଦାସଙ୍କ ବିୟୋଗ



**ରେମୁଣା, ୩।୫ (ସମିସ ):** ରେମୁଣାର ମହିଳା ଖବର କାଗଜ ବିତରକ ଅନ୍ନପୂର୍ଣ୍ଣା ଦାସ (୬୭)ଙ୍କ ବିୟୋଗ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ରେମୁଣାସ୍ଥ ଫକୀର ମୋହନ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରେମୁଣାର ଜଣେ ପୁରୁଖା ଆଦର୍ଶ ବିତରକ ସ୍ୱର୍ଗତ ଗୋପୀନାଥ ଦାସଙ୍କର ଧର୍ମପତ୍ନୀ ଥିଲେ। ସ୍ୱାମୀଙ୍କ ବିୟୋଗ ପରେ ନିଜର ଗୁଜୁରାଣ ଜୀବନ ଜୀବିକା ମେଣ୍ଟାଇବାପାଇଁ ଆଜିକୁ ୧୦ ବର୍ଷରୁ ଉର୍ଦ୍ଧ ହେବ ଖବର କାଗଜ ବିତରଣ କରି ନିଜର ଅଭାବୀ ଗୁଜରାଣ ମେଣ୍ଟାଉ ଥିଲେ। ତାଙ୍କ ବିୟୋଗରେ ଖବର ପାଇ ରେମୁଣାର ବିଭିନ୍ନ ଅଞ୍ଚଳରୁ ମାନ୍ୟଗଣ ବ୍ୟକ୍ତି, ଗ୍ରାମବାସୀ ଗଣ ନରହରିପୁର ଗ୍ରାମର ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରି ତାଙ୍କ ଆତ୍ମାର ସଦଗତି କାମନା କରିଥିଲେ। ତାଙ୍କର ବିୟୋଗରେ ନରହରିପୁର ଗ୍ରାମ ତଥା ରେମୁଣା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଏ-୧ରେ ପାସ୍ କରିଥିବା ୬ ଛାତ୍ରଙ୍କୁ ସମ୍ବର୍ଦ୍ଧନା



**ଜଳେଶ୍ୱର, ୩।୫ (ସମିସ) :** ନିକଟରେ ପ୍ରକାଶ ପାଇଥିବା ମାଟ୍ରିକ୍ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଳେଶ୍ୱରର କୃତିତ୍ୱ ଅର୍ଜନ କରିଥିବା ୬ଜଣ ଏ-୧ ଛାତ୍ରଙ୍କୁ ଆଜି ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଜଳେଶ୍ୱର ଓଷ୍ଟାର ସଭାପତି ହରେକୃଷ୍ଣ ଜେନା, ଭୋଗରାଇ ସଂକୁଳ ସଭାପତି ଶରତ କୁମାର ପରିଡା, ସଂଯୋଜକ ରବିନ୍ଦ୍ର କୁମାର ପଣ୍ଡା, ବିଦ୍ୟାଳୟ ସଭାପତି ଶଶିକାନ୍ତ ପ୍ରଧାନ, ସଂପାଦକ ଭାସ୍କର ରଂଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସଫଳତା ବିଦ୍ୟାଳୟକୁ ଗୌରବ ଆଣିଥାଏ ବୋଲି କହିଥିଲେ। ଏହି ଉତ୍ସବରେ ବ୍ଲକରେ ପ୍ରଥମ ହୋଇଥିବା ଅନିକେତ ପାତ୍ର, ୨ୟ ହୋଇଥିବା ଜୟପ୍ରକାଶ ପାତ୍ର, ମହନ ଗିରି, ଏସ୍‌ଏସ୍ ହରିଚନ୍ଦନ ମହାନ୍ତି, ଓମ୍‌ପ୍ରକାଶ ରାଜ, ବିବେକ କର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଗୁରୁଜୀ ରଂଜନ ବାଗ ମଞ୍ଚ ଆହ୍ୱାନ କରିଥିଲେ।

# ଚଳନ୍ତା ଟ୍ରେନରୁ ଖସି ପଡ଼ି ଯୁବକ ଗୁରୁତର

**ସୋର, ୩।୫ (ସମିସ):** ସବିରା ରେଳ ଷ୍ଟେସନ ନିକଟରେ ଚଳନ୍ତା ଟ୍ରେନରୁ ଖସି ପଡି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଉତ୍ତରପ୍ରଦେଶ ଅଂଚଳର ସୁରଜ ବର୍ମା ଗୌହାଟି ଏକ୍ସପ୍ରେସ ଟ୍ରେନରେ ଚେନାଇ ଅଭିମୁଖେ ଯାଉଥିଲେ। ସବିରା ରେଳ ଷ୍ଟେସନ ନିକଟରେ ଟ୍ରେନରୁ ଖସିପଡିବାରୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

# ଅଧ୍ୟାପିକା ହେବି: ଗାୟତ୍ରୀ ଜେନା



**ବସ୍ତା ବ୍ଲକ, ୩।୫ (ସମିସ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ ହୋଇଥିବା ବେଳେ ବସ୍ତା ବ୍ଲକ ବାହାର୍ଦ୍ଦା ଆର୍‌କେ ହାଇସ୍କୁଲର ଛାତ୍ରୀ ଗାୟତ୍ରୀ ଜେନା ସର୍ବାଧିକ ୫୫୬ ନମ୍ବର ରଖି ଏ -୧ କୃତିତ୍ୱ ଲାଭ କରିଛନ୍ତି। ସେ ମଧ ବସ୍ତା ବ୍ଲକ ରେ ଦ୍ୱିତୀୟ ସର୍ବାଧିକ ନମ୍ବର ରଖି ବସ୍ତା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ତାଙ୍କ ବାପା, ମା, ସ୍କୁଲ ର ଶିକ୍ଷକ ଶିକ୍ଷୟତ୍ରୀଙ୍କ ପ୍ରେରଣା ର ପାଇଁ ସମ୍ଭବ ହୋଇଥିବା ପ୍ରକାଶ କରିଛନ୍ତି। ଭବିଷ୍ୟତରେ ସେ ଅଧ୍ୟାପିକା ହେବେ ବୋଲି ଆଶା ବାନ୍ଧିଛନ୍ତି।

# ସାମ୍ବାଦିକଙ୍କ ଦାବି ପୂରଣ ପାଇଁ ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖାର ଧାରଣା

**ବାଲେଶ୍ୱର,୩।୫ (ସମିସ)**



ରାଜ୍ୟର ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ଓଡ଼ିଶା ସାମ୍ବାଦିକ ୟୁନିଅନ ଉତ୍ତରଦାୟୀ ହେବା ସହିତ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟକରୁଛି। ଓଡ଼ିଶା ସାମ୍ବାଦିକ ୟୁନିଅନ ରାଜ୍ୟ ଶାଖାର ଡାକରାରେ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କଳାବ୍ୟାଜ୍ ପରିଧାନ କରି ଧାରଣା ଦିଆଯାଇଥିଲା। ରାଜ୍ୟର ସାମ୍ବାଦିକ ମାନଙ୍କ ପାଇଁ ପେନସନ ବ୍ୟବସ୍ଥା, ସୁରକ୍ଷା ଆଇନ ଲାଗୁ, ଅଧିସ୍ୱୀକୃତି କମିଟି ବୈଠକ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶି ୫ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି, ସ୍ୱାସ୍ଥ୍ୟ ବୀମାରେ ବାପା ମା'ଙ୍କୁ ସାମିଲ, ମହିଳା ସାମ୍ବାଦିକଙ୍କୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା, ରେଳ ଯାତ୍ରାରେ ରିହାତି ବ୍ୟବସ୍ଥା ପୁନଃ ଲାଗୁ ଦାବିରେ ଏହି ଧାରଣା ଦିଆଯାଇଥିଲା। ଜିଲ୍ଲା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ହୋଇଥିବା ଧାରଣାରେ ବରିଷ୍ଠ ସଦସ୍ୟ ରାମନାରାୟଣ ଶତପଥି, ଅନାମ ଚରଣ ପଣ୍ଡା, ବିବେକାନନ୍ଦ ଦାସ, ସୁରେଶ ଚନ୍ଦ୍ର ଦାସ, ରବୀନ୍ଦ୍ର ମହାକୁଡ ରବିରଞ୍ଜନ ତ୍ରିପାଠୀ, ଉତ୍କଳବନ୍ଧୁ ପଣ୍ଡା, ଗଦାଧର ଜେନା, ରମାକାନ୍ତ ପଣ୍ଡା, ଅଜିତ କୁମାର ମହାନ୍ତି, ସୋମନାଥ ସାହୁ, ଅରୂପ କୁମାର ଦାସ, ଜୟଦେବ ଆଚାର୍ଯ୍ୟ, ପ୍ରସଂଜୀତ ଆଶ, ଲକ୍ଷ୍ମୀଧର ଗାଣ, ସୁଶାନ୍ତ କୁମାର ବେହେରା, ହାଇଦର ଖାନ, ସତ୍ୟଭାମା ପ୍ରଧାନ, ଲକ୍ଷ୍ମୀ ନାରାୟଣ ଦାସ, ଅଧିପ କୁମାର ଜେନା, କହ୍ନେଇ ଚରଣ ପ୍ରଧାନ ସଂଜୟ କୁମାର ବେହେରା, ହିମାଂଶୁ ଦାସ, ସମରେଶ ମଣ୍ଡଳ ଭୀଷ୍ମ ଚରଣ ମଲ୍ଲିକ, ଜ୍ୟୋତିର୍ମୟୀ ଶତପଥୀ ପ୍ରତିମା ଜେନା, ଆଜିମ ବାଲେଶ୍ୱରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ କେନ୍ଦୁଝର ଜିଲ୍ଲା ସାମ୍ବାଦିକ ୟୁନିଅନ ସଭାପତି କ୍ଷେତ୍ରବାସୀ ମହାକୁଡଙ୍କ ଏକ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦଗତି କାମନା କରଯାଇଥିଲା।

# ଚନ୍ଦନ ଯାତ୍ରାରେ ଜଳଛତ୍ର




**ବାଲେଶ୍ୱର, ୩।୫ (ସମିସ):** ବାଲେଶ୍ୱରର ପ୍ରସିଦ୍ଧ ମିର୍ଜାପୋଖରୀ ଚନ୍ଦନ ମେଳାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ଆୟୋଜିତ ଜଳଛତ୍ର ବ୍ୟବସ୍ଥା କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଅବସର ପ୍ରାପ୍ତ କର୍ମଚାରୀ ସଂଗଠନ ଦ୍ୱାରା ପରିଚାଳିତ କରାଯାଇଥିଲା। ଚନ୍ଦନ ଯାତ୍ରା ରେ ପ୍ରବଳ ଜଣସମାଗମରେ ଜଳଛତ୍ର ରେ ବହୁ ଭକ୍ତ ଉପକୃତ ହେଉଥିଲେ ଅବସର ଷ୍ଟେଟ ବ୍ୟାଙ୍କ କର୍ମଚାରୀଙ୍କୁ ଚନ୍ଦନ କମିଟି ରସମସ୍ତ କର୍ମକର୍ତ୍ତା ପ୍ରଶଂସା କରିଥିଲେ।

# ହଜାରେ ଲିଟର ମଦ ଓ ପୋଚ ନଷ୍ଟ

**ସିମୁଳିଆ, ୩।୫ (ସମିସ):** ସିମୁଳିଆ ଥାନା ଅଧିକାରୀ ଦେବେରାଜ ଜେନାଙ୍କ ନେତୃତ୍ୱରେ ଏକ ଟିମ ସିମୁଳିଆ ଥାନା ଅନ୍ତର୍ଗତ ମଇତାପୁର ପଞ୍ଚାୟତର ମୁନିପଦା ଠାରେ ଅତର୍କିତ ଚଡାଉ କରିଥିଲେ। ମାତ୍ର ମଦ ବେପାରୀ ସେଠାରୁ ଖସି ଚାଲି ଯାଇଥିଲା। ପୁଲିସ ଘଟଣା ସ୍ଥଳରୁ ଏକ ହଜାର ଲିଟରରୁ ଅଧିକ ମଦ ଓ ପୋଚ ନଷ୍ଟ କରିବା ସହ ରନ୍ଧା ଯାଉଥିବା ମଦ ସାମଗ୍ରୀ ଜବତ କରିଥିଲା। ଚଢ଼ଉରେ ସିମୁଳିଆ ଥାନା ସବ ଇନ୍ସପେକ୍ଟର ବିଶ୍ୱମ୍ବର ଚକ୍ରବର୍ତ୍ତି, ଏଏସଆଇ ବିଶ୍ୱଜିତ ସେଠି ସାମିଲ ଥିଲେ।

ସକାଳ THE SAKALA



www.sakalaepaper.com

ଲୋକଙ୍କୁ ନିଅଣ୍ଟ ବିଶୁଦ୍ଧ ପାଣି

# ନଳକୂଅ ଜଳ ବିଷାକ୍ତ; ବାହାରୁଛି ମଳା ଜନ୍ଦା



ବାରିକପୁର,୩।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପ ଏକ ପ୍ରକାର ଫେଲ୍ ମାରିଥିବାବେଳେ ପାଇପ୍ ଯୋଗେ ଜଳ ଯୋଗାଣ ଲୋକମାନଙ୍କ ପାଇଁ ସ୍ୱପ୍ନ ପାଲଟି ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କେବଳ ନଳକୂଅ ହିଁ ୨୩ଟି ପଞ୍ଚାୟତ ଲୋକଙ୍କ ଶୋଷ ମେଣ୍ଟାଉଛି। ବ୍ୟକ୍ତିଗତ ନଳକୂଅକୁ ଛାଡ଼ିଦେଲେ ବ୍ଲକ୍ ଅଞ୍ଚଳରେ ସରକାରୀ ନଳକୂଅ ଜନସାଧାରଣଙ୍କ ପାଇଁ ଢେର୍ ଆବଶ୍ୟକତା ରହୁଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ସରକାରୀ ନଳକୂଅଗୁଡ଼ିକୁ ମରାମତି କରିବା ମଧ୍ୟ ଏକାନ୍ତ ଆବଶ୍ୟକ ରହୁଛି। ପରିତାପର ବିଷୟ କେତେକ ଅନେକ ଦିନ ହେବ ସରକାରୀ ନଳକୂଅ ଅଚଳ ହୋଇପଡ଼ିଥିବା ବେଳେ ସେଥିରୁ ଏବେ ବିଷାକ୍ତ ପାଣି ବାହାରୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏଭଳି ଚିତ୍ର ଦେଖିବାକୁ ମିଳିଛି ରହଣିଆ ପଞ୍ଚାୟତ ଆକୁଳିକଣାଠାରେ।

ଗ୍ରାମର ସ୍କୁଲ ନିକଟରେ ଦୀର୍ଘ ଦିନ ହେବ ଏକ ବନ୍ଦ ନଳକୂଅ ତିଆରି ହୋଇଥିବାବେଳେ ତାହା କିଛିମାସ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ନଳକୂଅଟିର ପ୍ଲାଟ୍‌ଫର୍ମ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ଏହା ତଳେ ସମ୍ପ୍ରତି ବିଭିନ୍ନ ବିଷାକ୍ତ ସରୀସୃପ ବାସ କରୁଥିବା ଲୋକେ ଦେଖିବାକୁ ପାଇଛନ୍ତି। ଏବେ ନଳକୂଅରୁ ମଳା ଜନ୍ଦା ମିଶ୍ରିତ ସାମାନ୍ୟ ପାଣି ବାହାରୁଥିବାବେଳେ ତାହା ପୁଣି ଦୁର୍ଗନ୍ଧ ହେଉଛି। କୌଣସି ସରୀସୃପ ଜାତୀୟ ଜୀବ ନଳକୂଅରେ ପଡ଼ି ମରିଥିବାରୁ ପାଣି ଦୁର୍ଗନ୍ଧ ହୋଇଥିବା ଅନୁମାନ କରାଯାଉଛି। ଏହା ଉପରେ ନିର୍ଭର କରୁଥିବା ୫/୬ ଘର ଏବେ ପାଣି କଷ୍ଟ ଭୋଗୁଛନ୍ତି। କେହି ବାଟୋଇ କାଳେ ପଚା ପାଣିକୁ ବ୍ୟବହାର କରିବେ ସେଥିପାଇଁ ନଳକୂଅକୁ ଚାବି ପକାଇ ରଖାଯାଇଛି। ଅନୁରୂପ ଭାବେ ସ୍କୁଲ ପରିସରରେ ଥିବା ଦୁଇଟି ନଳକୂଅ ମଧ୍ୟ ଏକପ୍ରକାର ଅଚଳ ହୋଇପଡ଼ିଛି। ଏ ବିଷୟରେ ବିଭାଗୀୟ ଅଧିକାରୀ ଜାଣିଥିଲେ ମଧ୍ୟ ଏଯାଏଁ ମରାମତି ସମ୍ଭବ ହୋଇପାରି ନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ସର୍ବସାଧାରଣ ସ୍ଥାନରେ ଥିବା ନଳକୂଅ ସହିତ ସ୍କୁଲ ନଳକୂଅକୁ ତୁରନ୍ତ ମରାମତି ପାଇଁ ଗୋଲକ ସେଠୀ, ସତ୍ୟଭାମା ବେହେରା, ରଞ୍ଜୁଲତା ବାରିକ, ବାସନ୍ତୀ ବେହେରା, ପ୍ରଦୀପ ସେଠୀ, ସୁବାସ ସେଠୀ, ହରେକୃଷ୍ଣ ସେଠୀ ପ୍ରମୁଖ ଦାବି କରିଛନ୍ତି।

■ ଧାମନଗରରୁ ମାଟ୍ରିକ୍ ପରୀକ୍ଷାରେ ୧୨ ଟପ୍ପର

# ହିବା ଅହେମ୍ମଦଙ୍କୁ ସମ୍ବର୍ଦ୍ଧନା ଦେଲେ ଏବିଇଓ




ଧାମନଗର,୩।୫(ସମିସ): ଧାମନଗର ବ୍ଲକ୍ ଓ ଏନ୍ଏସି ଅଞ୍ଚଳରୁ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ୧୨ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ପାଇ ଟପ୍ପର ହୋଇ ଧାମନଗର ଅଞ୍ଚଳରେ ଗୌରବ ଆଣିଛନ୍ତି। ଧାମନଗର ପିଏମ୍‌ଶ୍ରୀ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀ ତଥା ମଦ୍ରାସା ତାହେରିଆ ହନିଫିଆର ପ୍ରାକ୍ତନ ଛାତ୍ରୀ ସହର ଅଧୀନ ମୁନିସପାଟଣା ନିବାସୀ ଅଧ୍ୟାପକ ଏମ୍‌ଡି ଅନୱାର ଅହେମ୍ମଦ ଓ ମାଆ ମୁନ୍ ଜରିନ ଖାତୁନଙ୍କ କନିଷ୍ଠା କନ୍ୟା ହିବା ଅହେମ୍ମଦ ପ୍ରକାଶିତ ମାଟ୍ରିକ୍ ପରୀକ୍ଷାରେ ୬୦୦ରୁ ୫୪୦ ନମ୍ବର ରଖି ଟପ୍ପର ହୋଇ ଆମ ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି।

ପ୍ରକାଶ ଥାଉ କି, ହିବା ଜଣେ ଉର୍ଦ୍ଦୁ ଭାଷାଭାଷୀ ମୁସ୍‌ଲିମ ଛାତ୍ରୀ ହୋଇଥିଲେ ମଧ୍ୟ ବିନା ଟ୍ୟୁସନ୍‌ରେ ଓଡ଼ିଆ ମାତୃଭାଷାରେ ପରୀକ୍ଷା ଦେଇ ୯୬ ପ୍ରତିଶତ ନମ୍ବର ରଖିବା ସମସ୍ତଙ୍କୁ ହତଚକିତ କରିଛି। ତେବେ ଫଳାଫଳ ଘୋଷଣା ପରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି, ମଦ୍ରାସା ତାହେରିଆ ହନିଫିଆର ପ୍ରଧାନଶିକ୍ଷକ ଏମ୍‌ଡି ନାସିରୁଦ୍ଦିନ(ରାଜା ସାର)ଙ୍କ ସହିତ ବହୁ ଶିକ୍ଷକଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ରବିବାର ସକାଳେ ତାଙ୍କ ବାସଭବନରେ ପହଞ୍ଚି ହିବାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ସହ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ଧାମନଗର ବ୍ଲକ୍ ଓ ଏନ୍ଏସି ଅଞ୍ଚଳରୁ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ୧୨ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ପାଇ ଟପ୍ପର ହୋଇଛନ୍ତି। ସେଥିମଧ୍ୟରୁ ପିଏମ୍‌ଶ୍ରୀ ସହିଦ ନଗର ନୋଡାଲ ହାଇସ୍କୁଲର ଶାଇସାର୍ଥକ ନାୟକ ୫୬୦, ଭାଗ୍ୟଲକ୍ଷ୍ମୀ ସୂତାର ୫୫୬ ଓ ଶୁଭଲକ୍ଷ୍ମୀ ପଣ୍ଡା ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଛନ୍ତି। ସେହିପରି ଧାମନଗର ସରକାରୀ ହାଇସ୍କୁଲର ହିବା ଅହେମ୍ମଦ ୬୦୦ରୁ ୫୪୦ ତଥା ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ୍ ପାଇ ସହରାଞ୍ଚଳକୁ ଗୌରବ ଆଣିଥିବାବେଳେ କୋରୁଆ-ଗୋବିନ୍ଦପୁର ନୋଡାଲ ହାଇସ୍କୁଲର ତମନା ନାୟକ ୫୫୪ ନମ୍ବର ରଖି ଟପ୍ପର ହୋଇଛନ୍ତି। ଅସୁରାଳି ବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଦୁଇ ଜଣ ଆୟୁଷ କୁମାର ମହାପାତ୍ର ୫୫୪ ନମ୍ବର ରଖି ଟପ୍ପର ହୋଇଥିବାବେଳେ ରଘୁନାଥ ନାୟକ ୫୪୦ ନମ୍ବର ତଥା ଏ-୧ ଗ୍ରେଡ୍ ପାଇଛନ୍ତି। ବାପୁଜୀ ନୋଡାଲ ହାଇସ୍କୁଲ ମହତାବନଗରରୁ ତିନି ଜଣ ଏ-୧ ଗ୍ରେଡ୍ ପାଇ ଟପ୍ପର ହେଲେ ହିତାଂଶୁ ଶେଖର ସାହୁ ୫୪୬, ଶମ୍ଭୁନାଥ ରାଉତ ୫୪୧ ଏବଂ ସ୍ମୃତିରଞ୍ଜନ ଦାସ ୫୪୦ ନମ୍ବର ରଖି ଟପ୍ପର ହୋଇ ଉକ୍ତ ବିଦ୍ୟାଳୟକୁ ଚର୍ଚ୍ଚାକୁ ଆଣି ଦେଇଛନ୍ତି। ବ୍ଲକ୍ ଅନ୍ତର୍ଗତ ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ ଜାହାଙ୍ଗୀରରୁ ଜ୍ୟୋତିରଞ୍ଜନ ପଣ୍ଡା ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଥିବାବେଳେ ନାରାୟଣୀ ହାଇସ୍କୁଲ ପଙ୍ଗଟାରୁ ପ୍ରାର୍ଥନାରାଣୀ ନାୟକ ୫୪୦ ନମ୍ବର ରଖି ଟପ୍ପର ହୋଇ ଧାମନଗର ମାଟିର ଗୌରବ ଆଣିଛନ୍ତି। ଯାହାକୁ ନେଇ ଶିକ୍ଷକଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ପାଲଟିଛି। ଧାମନଗର ଅଞ୍ଚଳରୁ ୧୨ ଜଣ ଛାତ୍ରଛାତ୍ରୀ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇ ଆମ ମାଟିର ଗୌରବ ଆଣିଥିବାରୁ ଶିକ୍ଷକ ସଂଘ, ଶିକ୍ଷକଶିକ୍ଷୟିତ୍ରୀ ଓ ରାଜନେତାଙ୍କ ସହିତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଭଣ୍ଡାରିପୋଖରୀ କଲ୍‌ଚରାଲ ଏକାଡେମୀର ବାର୍ଷିକ ଉତ୍ସବ



ଭଣ୍ଡାରିପୋଖରୀ,୩।୫(ସମିସ): ଭଣ୍ଡାରିପୋଖରୀ କଲ୍‌ଚରାଲ ଏକାଡେମୀର ନବମ ବାର୍ଷିକ ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମଞ୍ଚ ସଞ୍ଚାଳନ କରିଥିଲେ କଲ୍‌ଚରାଲ ଏକାଡେମୀ ସଭାପତି କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ। ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ମୁଖ୍ୟବକ୍ତା ପ୍ରାଧ୍ୟାପକ ଓ ନାଟ୍ୟକାର ସୁଧାଂଶୁ ଶେଖର ନାୟକ, ବରେଣ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ରାଜ୍ୟ ବୋର୍ଡ ସଦସ୍ୟ ସୁଧାକର ନନ୍ଦ, ବରିଷ୍ଠ ଯାତ୍ରା ଅଭିନେତା ଲୋକନାଥ ଲେଙ୍କା, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବରିଷ୍ଠ ଶିକ୍ଷାବିତ୍ ଲକ୍ଷ୍ମୀଧର ନାୟକ, ଦକ୍ଷିଣବାଡ଼ ସରପଞ୍ଚ ବର୍ଷାରାଣୀ ଜେନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କଲ୍‌ଚରାଲ ଏକାଡେମୀ ତରଫରୁ ପିଲାମାନଙ୍କ ଦ୍ୱାରା ନାଚ, ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ରବିବାର ସନ୍ଧ୍ୟାରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପିଲାମାନଙ୍କୁ ପୁରସ୍କାର ବିତରଣ କରାଯିବା ସହିତ ସ୍ମୃତି ସମ୍ମାନ, ପତ୍ରିକା ଉନ୍ମୋଚନ ହୋଇଯାଇଛି। ବାର୍ଷିକ ଉତ୍ସବରେ ବିଶେଷ ଆକର୍ଷଣ ବାଲୁକା କଳା ଓ ଚିତ୍ରକଳା ପ୍ରଦର୍ଶନୀ କାର୍ଯ୍ୟକ୍ରମ ମଧ୍ୟ ଦେଖିବାକୁ ମିଳିଥିଲା।

# ୨୮୦ ଜଣ ଆରମ୍ଭ କରି ନାହାନ୍ତି ଅନ୍ତ୍ୟୋଦୟ ଗୃହ ନିର୍ମାଣ କାର୍ଯ୍ୟ



ଦୋଲସାହି,୩।୫(ସମିସ): ସରକାରଙ୍କ ପକ୍ଷରୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ୍ କରାଯାଇଥିବା ହିତାଧିକାରୀଙ୍କ ମଧ୍ୟରୁ ଅନେକ ହିତାଧିକାରୀଙ୍କୁ ରାଜନୈତିକ ପ୍ରଣୋଦିତ ଭାବେ ଚୟନ କରାଯାଇଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍‌ର ୩୧ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ୪୮୭ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ୍ କରାଯାଇ ପ୍ରଥମ କିସ୍ତି ପ୍ରଦାନ କରାଯାଇଛି। ଏହି ହିତାଧିକାରୀଙ୍କ ମଧ୍ୟରୁ ୨୮୦ ଜଣ ପ୍ରଥମ କିସ୍ତି ଟଙ୍କା ପାଇ ଏହି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ନ ଥିବା ଜଣାଯାଇଛି।

# ପୀରହାଟଠାରେ ବିଶ୍ୱ ଶ୍ରମିକ ଦିବସ

ତିହିଡ଼ି,୩।୫(ସମିସ): ବିଶ୍ୱ ଶ୍ରମିକ ଦିବସ ଅବସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତିହିଡ଼ି ଜୋନ୍ କମିଟି ତିହିଡ଼ି ବ୍ଲକ୍ ପୀରହାଟ ପାର୍ଟି ଅଫିସଠାରେ ଜୋନ୍ ସମ୍ପାଦକ କମ୍ରେଡ୍ ନାରାୟଣଚନ୍ଦ୍ର ତ୍ରିପାଠୀ ପାର୍ଟି ପତାକା ଉତ୍ତୋଳନ କରିଥିଲେ। ସହ ସମ୍ପାଦକ କମ୍ରେଡ୍ ରବୀନ୍ଦ୍ର ବାରିକ ତାଙ୍କୁ କମାଣ୍ଡ କରିଥିଲେ। ବର୍ତ୍ତମାନ ସାରା ବିଶ୍ୱ ତଥା ଭାରତରେ ଶ୍ରମିକମାନଙ୍କର ଦୁର୍ଦ୍ଦଶା ବୃଦ୍ଧି ହେବା, ୮ ଘଣ୍ଟାର କାର୍ଯ୍ୟକୁ ୧୦ ଘଣ୍ଟା କରିବା, ଠିକା ଶ୍ରମିକମାନଙ୍କୁ ଉଚିତ୍ ପ୍ରାପ୍ୟ ନ ଦେବା, ଆନ୍ଦୋଳନକାରୀ ଶ୍ରମିକମାନଙ୍କର ଦାବି ଗ୍ରହଣ ନ କରି ପୁଲିସ ଜରିଆରେ ଜୁଲୁମ କରିବା, ନିରୀହ ଶ୍ରମିକମାନଙ୍କୁ ଜେଲ୍‌ରେ ଭରିବା, ଶ୍ରମିକମାନଙ୍କୁ ଅକଥନୀୟ ଅତ୍ୟାଚାର କରାଯାଉଛି। ସରକାରଙ୍କ ପ୍ରଦତ୍ତ ୪ଟି ଶ୍ରମକୋଡ୍‌କୁ ବିରୋଧ କରି ସମସ୍ତ ଶ୍ରମିକ ମଜଦୁର ଏକଜୁଟ ହୋଇ ସରକାରଙ୍କୁ ବିରୋଧ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଉତ୍ସବରେ ସାଥି ସନ୍ତଚରଣ ବିଶ୍ୱାଳ, ସୁରେନ୍ଦ୍ର ରାଉତ, ଚୈତନ୍ୟ ବାରିକ, ଭରତ ବାରିକ, ଶାନ୍ତନୁ ବଳ, ଗଙ୍ଗାଧର ବେହେରା, ଚିନ୍ତାମଣି ଜେନା, ଦୋଳ ବାରିକ, ମୋହନ ଦାସ, ଶରତ ପାଣ୍ଡବ, ସୁକାନ୍ତ ସେଠୀ, ଅନନ୍ତ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# କବି ଡ. ପ୍ରଭାତ ନଳିନୀ ମହାପାତ୍ରଙ୍କ ସ୍ମୃତିସଭା

ଭଦ୍ରକ,୩।୫(ସମିସ): ଭଦ୍ରକ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁମନ୍ଦିରଠାରେ ଡ. ପ୍ରଭାତ ନଳିନୀ ମହାପାତ୍ରଙ୍କ ପାଇଁ ଭଦ୍ରକ ସାହିତ୍ୟ ପରିଷଦ ତରଫରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡ. ରାଧାରାଣୀ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଡ. ଶଶଧର ଦାସ ଓ ଝରଣା ପଟ୍ଟନାୟକ ଉପସ୍ଥିତ ରହି ଡ. ପ୍ରଭାତ ନଳିନୀ ମହାପାତ୍ରଙ୍କ ସାହିତ୍ୟକୃତି ଉପରେ ଆଲୋକପାତ କରିଥିଲେ। ଭାନୁମତି ମାଟିଆ, ସୁଚିତ୍ରା ପାଣିଗ୍ରାହୀ, ନୀଳିମା ପଣ୍ଡା, ସୁକାନ୍ତୀ ମହାପାତ୍ର, ପ୍ରୀତିଲତା ପଣ୍ଡା, ଲଲାଟେନ୍ଦୁ ମହାନ୍ତି, ଅବନୀ ପ୍ରଧାନ, ରତିକାନ୍ତ ବେହେରା, ଶରତ ନାୟକ, ବିଜୟ ବହଳୀ, ମୁକ୍ତିକାନ୍ତ ମଲ୍ଲିକ, ସଂଗ୍ରାମ ଆଚାର୍ଯ୍ୟ, ଅକ୍ଷର ଜେନା, ଖଗେଶ୍ୱର ଯେନା, ବୈକୁଣ୍ଠ ବିଶ୍ୱାଳ, ନିହାର ରଞ୍ଜନ କର, ଶାନ୍ତନୁ କୁମାର ରାଉତ ଏବଂ ସାହିତ୍ୟ ପରିଷଦର ସଭ୍ୟସଭ୍ୟାମାନେ ଡ. ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ।



# ଅଭିଜିତ୍ ସାହୁ ବନ୍ତ ବ୍ଲକ୍ ଟପ୍ପର



ବନ୍ତ/ଆଗରପଡ଼ା,୩।୫(ସମିସ): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଅଭିଜିତ୍ ସାହୁ ସର୍ବୋଚ୍ଚ ୫୫୮ ନମ୍ବର ରଖି ବନ୍ତ ବ୍ଲକ୍‌ରେ ଟପ୍ପର ହୋଇ ଆଗରପଡ଼ାକୁ ଗୌରବାନ୍ୱିତ କରିଛନ୍ତି। ଆଗରପଡ଼ାସ୍ଥିତ କୁଣ୍ଡି-ମହାନ୍ତିପଡ଼ା ଆଶାମଣୀ ଉଚ୍ଚ ବିଦ୍ୟାପୀଠ ଛାତ୍ର ଅଭିଜିତ୍ ସ୍ଥାନୀୟ ତ୍ରିସାଲିଆ ଗ୍ରାମର ଜଗନ୍ନାଥ ସାହୁ ଓ ଅବନ୍ତୀ ଲତାଙ୍କ ସୁପୁତ୍ର ଅଟନ୍ତି। ଅଭିଜିତ୍ ମଧ୍ୟ ପୂର୍ବରୁ ଅଷ୍ଟମ ଶ୍ରେଣୀ ଏନ୍ଏମ୍ଏମ୍ଏସ୍ ପରୀକ୍ଷାରେ ବ୍ଲକ୍ ଟପ୍ପର ଓ ଜିଲ୍ଲାସ୍ତରରେ ଦ୍ୱିତୀୟ ଟପ୍ପର, ନବମ ଶ୍ରେଣୀ ଏନ୍ଆର୍‌ଟିଏସ୍ ପରୀକ୍ଷାରେ ବ୍ଲକ୍ ଟପ୍ପର ଓ ଦଶମ ଶ୍ରେଣୀରେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସ୍ଥାନୀୟ ପୁରୁଷୋତ୍ତମ ନୋଡାଲ ବିଦ୍ୟାଳୟ କଳା ଶିକ୍ଷକ ପଦ୍ମନାଭ ସେଠୀ ଓ ଟେରାକୋଟା ନିପୁଣ ଶିଳ୍ପୀ ନିରୁପମା ସାହୁ ଅଭିଜିତ୍‌ଙ୍କ ଭିଣୋଇ ଓ ଭଉଣୀ ଅଟନ୍ତି। ଭବିଷ୍ୟତରେ ଡାକ୍ତର ହୋଇ ବିଶେଷ କରି ଅବହେଳିତ, ନିଷ୍ପେସିତ ଆଦିବାସୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ସମୟକୁ ସେ କହିଛନ୍ତି। ସେହିପରି ତୋଡ଼ଗାଁସ୍ଥିତ ପିତାମ୍ବରୀ ଉଚ୍ଚ ବିଦ୍ୟାଗିରି ଛାତ୍ରୀ ଅଙ୍କିତା ବେହେରା ୫୫୬ ନମ୍ବର ରଖି ବ୍ଲକ୍‌ର ୨ୟ ସ୍ଥାନ ଅଧିକାର କରିଥିବାବେଳେ କୁଣ୍ଡି-ମହାନ୍ତିପଡ଼ା ଆଶାମଣୀ ଉଚ୍ଚ ବିଦ୍ୟାପୀଠ ଛାତ୍ର ରାହୁଲ ଗୁପ୍ତା, ବନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଲୁବିନା ବାତୁନ, ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ଛାତ୍ରୀ ସଂସ୍କୃତି ଜେନା, କାଦବରାଙ୍ଗ ହାଇସ୍କୁଲ ଛାତ୍ରୀ ପ୍ରତିଭା ପଣ୍ଡା, ଗୋପୀନାଥପୁରସ୍ଥିତ ଗୋପୀନାଥଜୀଉ ହାଇସ୍କୁଲ ଛାତ୍ର ସୌମ୍ୟରଞ୍ଜନ ସାହୁ ପ୍ରତ୍ୟେକ ୫୪୦ ନମ୍ବର ରଖିଥିବା ଜଣାପଡ଼ିଛି।

# ମାଟ୍ରିକ୍ ଟପ୍ପର ସରିତା ନାୟକଙ୍କୁ ଶୁଭେଚ୍ଛା



ଭଦ୍ରକ,୩।୫(ସମିସ): ମାଟ୍ରିକ୍ ପରୀକ୍ଷାରେ ଭଦ୍ରକ ଜିଲ୍ଲାରେ ଟପ୍ପର ହୋଇଥିବା ଚାନ୍ଦବାଲି ବ୍ଲକ୍ ନୂଆଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜନ୍ତୁଆଳି ନୂଆଗାଁ ବଲ୍ଲଭ ଶଙ୍ଖାଳି ଚାରିମୌଜା ନୋଡାଲ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀ ସରିତା ନାୟକଙ୍କୁ ସିପିଆଇ(ଏମ୍) ପକ୍ଷରୁ ଫୁଲତୋଡ଼ା ଓ ପୁରସ୍କାର ଦିଆଯାଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ଜଣେ ଚାଷୀ ଘରର ପିଲା ଭାବେ ମାଟ୍ରିକ୍ ପରୀକ୍ଷାରେ ୬୦୦ରୁ ୫୭୩ ମାର୍କ ରଖି ଜିଲ୍ଲାରେ ଗୌରବ ଆଣିଥିବାରୁ ସିପିଆଇ(ଏମ୍) ପକ୍ଷରୁ ତାଙ୍କୁ ଧନ୍ୟବାଦ ଜଣାଯାଇଛି। ଏହି ସଫଳତା ପଛରେ ତାଙ୍କ ବାପା ନିରଞ୍ଜନ ନାୟକ, ମାଆ ସିପିଆଇ(ଏମ୍) ନେତ୍ରୀ ରଞ୍ଜିତା ନାୟକ, ବଡ଼ବାପା ଦେବେନ୍ଦ୍ର ନାୟକ, ବଡ଼ବୋଉ ସୁକାନ୍ତି ନାୟକ, ବିଏସ୍‌ସି ହାଇସ୍କୁଲର ପ୍ରଧାନଶିକ୍ଷକ ଅଜୟ ନାୟକ ଓ ହାଇସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଯାଇଛି। ସିପିଆଇ(ଏମ୍)ର ଏହି ପ୍ରତିନିଧି ଦଳରେ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ବରିଷ୍ଠ ନେତା କାହ୍ନୁ କିଶୋର ସାହୁ, ଯୁବନେତା ଦୀପକ ଦାସ ପ୍ରମୁଖ ଯାଇ ସରିତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ।

ତ୍ରୁଟିପୂର୍ଣ୍ଣ ଇଞ୍ଜେକ୍ସନ ଯୋଗୁଁ ଶିଶୁ ମୃତ୍ୟୁ ମାମଲା

# ତଦନ୍ତ ପରିସର ହେବେ କି କ୍ୱାକ୍ !

ଭଦ୍ରକ/ବାସୁଦେବପୁର,୩।୫(ସମିସ): ଗତ ୨୬ ତାରିଖ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ପଦ୍ମପୁର ମେଳକସାହିର ଜଣେ ନାବାଳକର ତ୍ରୁଟିପୂର୍ଣ୍ଣ ଇଞ୍ଜେକ୍ସନ ଯୋଗୁଁ ଜୀବନ ଯାଇଥିଲା। ସାମାନ୍ୟତମ ତ୍ରୁଟି ପାଇଁ କୋମଳମତି ଶିଶୁର ଜୀବନ ଯିବାରୁ ଯାହାକୁ ନେଇ ସକାଳ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭଙ୍ଗାରୁଜା ଓ ରାସ୍ତାରୋକ ଲାଗିରହିଥିଲା। ସୂଚନାଯୋଗ୍ୟ, ମେଳକସାହିର ପିଲାମାନେ କ୍ରିକେଟ ଖେଳୁଥିଲେ। ଗାଁର ଦେବକାନ୍ତ ବାରିକଙ୍କ ୧୪ ବର୍ଷର ପୁଅ ମୁକେଶ କ୍ରିକେଟ ଖେଳୁଥିବାବେଳେ ପଡ଼ିଯିବାରୁ ଗୋଡ଼ ଆଣ୍ଠୁରେ ଖୁଣ୍ଟ ପଶିଗଲା। ରକ୍ତ ବନ୍ଦ କରିବାକୁ ପ୍ରଥମେ ପଦ୍ମପୁର ଅଞ୍ଚଳରେ ଚିକିତ୍ସା କରୁଥିବା ଜଣେ କ୍ୱାକ୍‌ଙ୍କୁ ଦେଖାଇଥିଲେ। ପରେ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ଇଞ୍ଜେକ୍ସନ ଲେଖିଥିଲେ ପରେ ଡାକ୍ତରଙ୍କ ପ୍ରେସକ୍ରିପ୍‌ସନ ଅନୁସାରେ ଷ୍ଟାଫ୍ ନର୍ସ ଲଗାତାର ୩ଟି ଇଞ୍ଜେକ୍ସନ ଦେଇଥିଲେ। ସେଥିମଧ୍ୟରୁ ଗୋଟିଏ ଭ୍ୟାନ୍‌ରେ, ଗୋଟିଏ ପିଚାରେ ଓ ଅନ୍ୟଟି ହାତରେ ଦେଇଥିଲେ। ଭ୍ୟାନ୍‌ରେ ଇଞ୍ଜେକ୍ସନ ଦେବା ସମୟରେ ଟେଷ୍ଟ କରି ନ ଥିଲେ। ଇଞ୍ଜେକ୍ସନ ରିଆକ୍ସନ କରିଥାଇପାରେ ବୋଲି ସନ୍ଦେହ କରାଯାଉଛି। କିଛି ସମୟ ପରେ ମୁକେଶ ବାନ୍ତି କରିଥିଲେ। ଡାକ୍ତର ତାଙ୍କୁ ବେଡ୍ ଉପରେ ଶୁଆଇଦେବା ପରେ ତାଙ୍କର ମୃତ୍ୟୁ ହୋଇଥିଲା। ନାବାଳକର ମୃତ୍ୟୁକୁ ସହଜରେ ପରିବାର ଲୋକ ଗ୍ରହଣ କରିପାରି ନ ଥିଲେ। ଆରମ୍ଭ ହୋଇଥିଲା ମେଡିକାଲରେ ଭଙ୍ଗାରୁଜା। ଏହି ଘଟଣାରେ ୨ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରେ ଜିଲ୍ଲାସ୍ତରୀୟ ଡାକ୍ତରୀ ଟିମ୍ ତଦନ୍ତ କରିବାକୁ ନିଷ୍ପତ୍ତି ହୋଇଛି। ତେବେ ବାସୁଦେବପୁର ଅଞ୍ଚଳର ଶହ ଶହ କ୍ୱାକ୍ ବିଭିନ୍ନ ଛକରେ ଜଗି ବସିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ବାହୁ ଛାୟା ତଳେ ରହି ଚଳାଇଛନ୍ତି ବେପାର। ଫଳରେ ଗୋଟିଏ ପରେ ଗୋଟିଏ ଶିଶୁର ମୁଣ୍ଡ ଗଡୁଛି। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ନିରବ ରହି ଏଭଳି ଘଟଣାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ସରକାରୀ ଡାକ୍ତରଖାନାର ଫାର୍ମାସିଷ୍ଟ ମେଡିସିନ ଷ୍ଟୋରରେ ବସି ମେଡିସିନ ବିକୁଛନ୍ତି। ପ୍ରଶାସନ ଯେଉଁଠି ନିଦାବିଷ୍ଟୁ ସାଜିଛି ସେଠି କହିବା କାହାକୁ ଶୁଣିବ କିଏ। ଶିଶୁ ମୃତ୍ୟୁ ମାମଲାରେ କ୍ୱାକ୍ ତଦନ୍ତ ପରିସରକୁ ଆସିବେ ନା ପକେଟ ଗରମ କରି ତଦନ୍ତ ବାଟବଣା ହେବ।

# ତେଜୁଛି ଲୁଙ୍ଗା ହାଇସ୍କୁଲ ଜମିକୁ ନେଇ ବିବାଦ



ବାସୁଦେବପୁର,୩।୫(ସମିସ): ବାସୁଦେବପୁର ବ୍ଲକ୍ ଲୁଙ୍ଗା ପଞ୍ଚାୟତର ଏକ ଜମି ବିକ୍ରିକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ କାଦୁଅ ଫୋପଡ଼ା ଫୋପଡ଼ି ଲାଗି ଆରୋପପ୍ରତ୍ୟାରୋପ ଚାଲିଛି। ରବିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜମିର ବିକ୍ରେତା ମୃତ୍ୟୁଞ୍ଜୟ ନାୟକ କହିଛନ୍ତି, ସରକାରୀ ନୀତି ନିୟମରେ ଜମି ବିକ୍ରି ହୋଇଛି। ଘଟଣାରୁ ଜଣାଯାଇଛି, ଲୁଙ୍ଗା ପଞ୍ଚାୟତର ଶ୍ରୀଧର ଏକାଦଶୀ ହାଇସ୍କୁଲକୁ ଗଣେଶା ନନ୍ଦ ନାୟକ ଲୁଙ୍ଗା ମୌଜାର ଖତିୟାନ ନମ୍ବର- ୨୭୬ରେ ୪ ଏକର ୭୮ ଡେସିମିଲ ଜମି ଦାନ କରିଥିଲେ। ଏହି ଜମିକୁ ହାତ ପଟ୍ଟା କରିଥିଲେ। ହାଇସ୍କୁଲ କର୍ତ୍ତୃପକ୍ଷ ନାମଜାରି କରି ନ ଥିବାରୁ ତାଙ୍କ ନାମରେ ରହିଥିଲା। ଗଣେଶା ନନ୍ଦ ନାୟକଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ପକ୍ଷରୁ ଏହି ଜମିରୁ ୨୦୨୨ ମସିହାରେ ଦୁଇ ଏକରରୁ ଅଧିକ ଜମି ବିକ୍ରି କରିଥିଲେ। ଏହାକୁ ନେଇ ଲୁଙ୍ଗା ପଞ୍ଚାୟତର କିଛି ଲୋକ ସ୍ଥାନୀୟ ବାସୁଦେବପୁର ତହସିଲ୍‌ଦାରଙ୍କଠାରେ ଅଭିଯୋଗ କରିଛନ୍ତି। ଠକ୍ଷକତା କରି ଜମି ବିକ୍ରି କରିଥିବାର ଅଭିଯୋଗ ଆଣିଛନ୍ତି। ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଜମି ମାଲିକ ମୃତ ଗଣେଶା ନନ୍ଦ ନାୟକଙ୍କ ପୁଅ ମୃତ୍ୟୁଞ୍ଜୟ ନାୟକ। ବାସୁଦେବପୁର ପୌରପାଳିକାର ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବାପାଙ୍କ ନାମରେ ଥିବା ଜମି ମଧ୍ୟରୁ କିଛି ଅଂଶ ଆମ ପରିବାର ବିକ୍ରି କରିଛୁ। ବାପା ଏହାକୁ ଶ୍ରୀଧର ଏକାଦଶୀ ହାଇସ୍କୁଲକୁ ଦାନ କରିଥିଲେ ବୋଲି ଆମେ ଅବଗତ ନ ଥିଲୁ। ଦୀର୍ଘ ୪ ବର୍ଷ ଧରି ଜମି ବିକ୍ରି ହୋଇଛି। ଏପର୍ଯ୍ୟନ୍ତ କେହି ଆମକୁ କିଛି କହି ନ ଥିଲେ। ତହସିଲ୍‌ଦାରଙ୍କଠାରେ ଅଭିଯୋଗ କରିଥିବାର ଖବର ଆମେ ଗଣମାଧ୍ୟମରୁ ଜାଣିଲୁ। କେହି ଠକ୍ଷକତା କରି ଜମି ବିକି ନାହାନ୍ତି। ସରକାରୀ ନୀତି ନିୟମ ମଧ୍ୟରେ ରହି ଜମି ବିକ୍ରି ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସରପଞ୍ଚ କାହ୍ନୁଚରଣ ମଲିକ, ସୁବାସ ଚନ୍ଦ୍ର ନାୟକ, କୈଳାସ ଚନ୍ଦ୍ର ନାୟକ, କୁନା ବାରିକ ଯୋଗଦେଇଥିଲେ।

**ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ**

ବନ୍ତ/ଆଗରପଡ଼ା,୩।୫(ସମିସ): ବନ୍ତ ବ୍ଲକ୍ ବିଟିପୁର ପଞ୍ଚାୟତ ଅନ୍ତର୍ଗତ ରାଉତରାପୁରସ୍ଥିତ ପାଣଗଡ଼ିଆଠାରେ ପ୍ରତିଷ୍ଠିତ ହନୁମାନ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସାଳନ୍ଦୀ ନଦୀରୁ ଘଟୋତ୍ତୋଳନ ପରେ ପଣ୍ଡିତ ବିଷ୍ଣୁ ମୋହନ ପାଣିଗ୍ରାହୀ, ବଳରାମ ଶତପଥୀ, ଭବତୋଷ ଶତପଥୀ ପୂଜାର୍ଚ୍ଚନା କରିଥିଲେ। ପୂର୍ବତନ ସରପଞ୍ଚ ବାସନ୍ତୀ ମହାପାତ୍ର ଓ ରାଧାନାଥ ମହାପାତ୍ର କର୍ତ୍ତା କାର୍ଯ୍ୟ ତୁଲାଇଥିବାବେଳେ ଯୁବନେତା ଚିନ୍ମୟ ମହାପାତ୍ର, ପରମାନନ୍ଦ ମହାପାତ୍ର, ଚକ୍ରଧର ମହାପାତ୍ର, କାଳୁ ସାହୁ, ଉମାକାନ୍ତ ଜେନା, ସୁଦାମ ପୃଷ୍ଟି, ବିଜୟ ମହାପାତ୍ର, ରବୀନ୍ଦ୍ର ସାହୁ, ଚନ୍ଦ୍ରଶେଖର ବେହେରା, ଶରତ ଡଗରା, ଗଜେନ୍ଦ୍ର ପଲେଇ, ନିତ୍ୟାନନ୍ଦ ଡାଙ୍ଗୁଆ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ। ବହୁ ଶ୍ରଦ୍ଧାଳୁ ଯୋଗଦେଇ ହନୁମାନଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ପ୍ରସାଦସେବନ କରିଥିଲେ।

# ବିଭିନ୍ନ ସ୍ଥାନରୁ ବେଆଇନ ମଦ ଜବତ

ବାରିକପୁର,୩।୫(ସମିସ): ଭଣ୍ଡାରିପୋଖରୀ ଥାନା ପକ୍ଷରୁ ବିଗତ ସପ୍ତାହେ ମଧ୍ୟରେ ଚଢ଼ଉ କରାଯାଇ ପାଖାପାଖି ୧୦୦ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଥାନା ଅଧୀନସ୍ଥ ଜଗନ୍ନାଥ ପ୍ରସାଦ, ଆଖୁଆପଦା, ପରମାନନ୍ଦପୁର, କୋରକରା ପ୍ରମୁଖ ସ୍ଥାନରୁ ଏହି ବେଆଇନ ମଦ ଜବତ ହୋଇଛି। ବିଶେଷ କରି ଚା' ଓ ପାନ ଦୋକାନମାନଙ୍କରେ ଚୋରା ମଦ କାରବାର ହେଉଥିବା ନେଇ ପୁଲିସ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ମୁତାବକ, ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ସପ୍ତାହେବ୍ୟାପୀ ଚଢ଼ଉ ଜାରି ରହିଥିଲା। ବେଆଇନ ମଦ ଜବତ ନେଇ ମାମଲା ରୁଜୁ ହୋଇଥିବାବେଳେ କେହି ଅଭିଯୁକ୍ତ ଗିରଫ ହୋଇ ନ ଥିବା ଜଣାପଡ଼ିଛି।

ମାଛ ବେପାରୀଙ୍କ କବ୍‌ଜାରେ ଦୋବଲ ବଜାର

# ସକାଳୁ ସକାଳୁ ନାକେଦମ୍ ହେଉଛନ୍ତି ପଥଚାରୀ




ଦୋବଲ,୩।୫(ସମିସ): ଧାମନଗର-କ୍ଷେତ୍ରପୁର ମୁଖ୍ୟ ରାସ୍ତାର ଦୋବଲ ବଜାରରେ ଟ୍ରାଫିକ୍ ସମସ୍ୟା ଏବେ ଜଟିଳ ରୂପ ଧାରଣ କରିଛି। ବିଶେଷ କରି ମାଛ ବେପାରୀଙ୍କ ଯୋଗୁଁ ସକାଳ ସମୟରେ ଯାତାୟାତ କରିବା ସ୍ଥାନୀୟ ଲୋକଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ରବିବାର, ବୁଧବାର ଓ ଶୁକ୍ରବାର ଭଳି ଆମିଷ ବାରରେ ଏହି ସମସ୍ୟା ଦ୍ୱିଗୁଣିତ ହେଉଥିବା ଦେଖିବାକୁ ମିଳୁଛି।

ସୂଚନା ଅନୁଯାୟୀ, ବସ୍‌ଷ୍ଟାଣ୍ଡରୁ କ୍ଷେତ୍ରପୁର ଆଡ଼କୁ ଯାଇଥିବା ଗେଙ୍ଗୁଟି ନଦୀ ବନ୍ଧ ଗଡ଼ାଣିର ଡାହାଣ ପାର୍ଶ୍ୱରେ ମାଛ ବେପାରୀମାନେ ରାସ୍ତା ଉପରେ ହିଁ ପସରା ମେଲାଇ ବସୁଛନ୍ତି। ଏହି ସ୍ଥାନରେ ରାସ୍ତାର ଚଉଡ଼ା ମାତ୍ର ୧୮ ଫୁଟ୍ ହୋଇଥିବାବେଳେ ବେପାରୀମାନେ ପ୍ରାୟ ୫ ଫୁଟ୍ ମାଡ଼ି ବସୁଛନ୍ତି। ତା' ଉପରକୁ ମାଛ କିଣିବାକୁ ଆସୁଥିବା ଗ୍ରାହକମାନେ ରାସ୍ତା ମଝିରେ ମନଇଚ୍ଛା ଗାଡ଼ି ପାର୍କିଂ କରୁଥିବାରୁ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଏହି ଅଞ୍ଚଳରେ ଅଘୋଷିତ 'କର୍ଫ୍ୟୁ' ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଫଳରେ ଯାତ୍ରୀବାହୀ ବସ୍ ଓ ଅନ୍ୟାନ୍ୟ ଜରୁରୀକାଳୀନ ଗାଡ଼ିଗୁଡ଼ିକ ଦୀର୍ଘ ସମୟ ଧରି ଫସି ରହୁଛି। ଏହି ସମସ୍ୟା କେବଳ ମାଛ ବଜାରରେ ସୀମିତ ନାହିଁ। ବସ୍‌ଷ୍ଟାଣ୍ଡରୁ କାଳୀବଜାର ପର୍ଯ୍ୟନ୍ତ ପ୍ରାୟ ୮୦୦ ମିଟର ରାସ୍ତାରେ ନିର୍ମିତ ଉଚ୍ଚା କଂକ୍ରିଟ ଡ୍ରେନ୍ ଏବଂ ବ୍ୟବସାୟୀଙ୍କ ଦ୍ୱାରା କରାଯାଇଥିବା ସ୍ଲୋପିଂ ଯୋଗୁଁ ମୁଖ୍ୟ ରାସ୍ତା ସଂକୁଚିତ ହୋଇଛି। ବଡ଼ ବଡ଼ ମାଲ୍ ବୋଝେଇ ଟ୍ରକ୍‌ଗୁଡ଼ିକ ଦିନ ସମୟରେ ଅନ୍‌ଲୋଡ଼ିଂ ହେଉଥିବାରୁ ଘଣ୍ଟା ଘଣ୍ଟା ଧରି ଜାମ୍ ଲାଗିରହୁଛି।

ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ, ଯଦି ମାଛ ବେପାରୀମାନଙ୍କୁ ଦୋବଲ-ବେଲମଳା ନଦୀ ବନ୍ଧରେ କବରସ୍ଥାନ ପଛପଟରେ ଥିବା ଖାଲି ସ୍ଥାନ କିମ୍ବା ପରିତ୍ୟକ୍ତ ଅବସ୍ଥାରେ ଥିବା ନବନିର୍ମିତ ପୋଲ ଉପରକୁ ସ୍ଥାନାନ୍ତର କରାଯାଆନ୍ତା, ତେବେ ଟ୍ରାଫିକ୍ ସମସ୍ୟା ବହୁ ପରିମାଣରେ ହ୍ରାସ ପାଆନ୍ତା। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି।

# ବିନା ସୂଚନାଫଳକରେ କୋଟି କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣ

ବନ୍ତ/ଆଗରପଡ଼ା,୩।୫(ସମିସ)





ଶିକ୍ଷାର ମାନବୃଦ୍ଧି ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ସେହି ଟଙ୍କାର କାର୍ଯ୍ୟାଦେଶ ଅସାଧୁ ଠିକାଦାରଙ୍କ ହାବୁଡ଼ରେ ପଡ଼ିବା ଓ ନିମ୍ନମାନର ନିର୍ମାଣ କାର୍ଯ୍ୟ ହେବା ଦ୍ୱାରା ଅନେକ ସମୟରେ କୋଟି କୋଟି ଟଙ୍କାର କାର୍ଯ୍ୟ ଧୂଳିସାତ୍ ହେବା ସହିତ ପିଲାମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ଏହିଭଳି ଘଟଣା ବନ୍ତ ବ୍ଲକ୍ ନିଲୋକ ପଞ୍ଚାୟତ ପଳାଶଗଡ଼ିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟରେ ଦେଖିବାକୁ ମିଳିଛି। ଏହି ଆଦର୍ଶ ବିଦ୍ୟାଳୟ ପରିସରରେ ନିର୍ମିତ ହେଉଥିବା ଏକ ୩ ମହଲା ବିଶିଷ୍ଟ ଘର କାର୍ଯ୍ୟ ସରିବାକୁ ବସିଥିବାବେଳେ ତାହା ପୁଣି ବିନା ସୂଚନାଫଳକରେ କାର୍ଯ୍ୟ ଚାଲୁଥିବା ନେଇ ସୂଚନା ମିଳୁଛି।

ସରକାରଙ୍କ ନିୟମ ଅନୁଯାୟୀ, କାର୍ଯ୍ୟ ଆରମ୍ଭ ପୂର୍ବରୁ ସାଧାରଣ ଲୋକଙ୍କ ଅବଗତି ନିମନ୍ତେ ସୂଚନାଫଳକ ନିର୍ମାଣ ପରେ କାର୍ଯ୍ୟ ଆରମ୍ଭ ହୋଇଥାଏ। ଯାହାକି ଏହି ସ୍ଥାନରେ ଓଲଟା ଦେଖିବାକୁ ମିଳିଛି। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଥିବାବେଳେ ଅଦ୍ୟାବଧି ସୂଚନାଫଳକ ନିର୍ମାଣ ନ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯାହାକି ନିମ୍ନମାନର କାର୍ଯ୍ୟକୁ ସୂଚନା ଦେଉଛି। ଏହି କାର୍ଯ୍ୟରେ ନିମ୍ନମାନର ଜଙ୍ଗଲଗାରଡ଼, ମାଟି ମିଶା ବାଲି ସମେତ ଚିପ୍ସରେ ମାଟି ମିଶ୍ରିତ ଥିବା ଦେଖିବାକୁ ମିଳିଛି। ଯଦି ପ୍ରକୃତରେ ଏହିପରି କାର୍ଯ୍ୟ ହୋଇଥାଏ, ତାହେଲେ ଏହି ତିନି ମହଲା ଅଟ୍ଟାଳିକା କେତେ ଦିନ ତିଷ୍ଠିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଅଟ୍ଟାଳିକା ଭବିଷ୍ୟତରେ ପିଲାଙ୍କ ପ୍ରତି ବିପଦ ଆଣିପାରେ ବୋଲି ଅଞ୍ଚଳବାସୀ ସନ୍ଦେହ ପ୍ରକଟ କରିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଉକ୍ତ କାର୍ଯ୍ୟରେ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାବେଳେ ସାଧାରଣ ଲୋକେ ଅଭିଯୋଗ କଲେ ଠିକାଦାର ଧମକ ଦେବାକୁ ପଛାଇ ନ ଥିବା ଜଣାପଡ଼ିଛି। ସୂଚନାଫଳକ ନ ଥିବାରୁ ବିଭିନ୍ନ ସୂଚନା

**ନିମ୍ନମାନର କାର୍ଯ୍ୟକୁ ନେଇ ଜନଅସନ୍ତୋଷ**

ପାଇବାରୁ ଜନସାଧାରଣ ବଞ୍ଚିତ ହେବାକୁ ପଡ଼ିଛି। ତେଣୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଅଭିଯୋଗକୁ ବିଚାରକୁ ନେଇ ଏହାର ତଦନ୍ତ କରିବା ସହ ଏକ ସ୍ୱଚ୍ଛ ପରିବେଶରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

**● ବୟସର ଅପରାହ୍ନରେ ବସନ୍ତର ଛିଟା**

## ଜୀବନସାଥୀ ହେଲେ ବୃଦ୍ଧବୃଦ୍ଧା

ଜଳେଶ୍ୱର ବ୍ଲକ, ୩।୫ (ସମିସ): ପ୍ରେମ ସତ୍ୟ ଚିରନ୍ତନ, ପ୍ରେମ ମାନେନା ବନ୍ଧ ବାଡ଼ ଓ ବୟସ। ଯାହାକୁ ପ୍ରମାଣ କରି ଦେଖାଇଛନ୍ତି ୭୦ ବର୍ଷର ବୃଦ୍ଧ ଚୈତନ୍ୟ ସରେନ ଓ ୬୫ ବର୍ଷର ବୃଦ୍ଧା ଯବା ସରେନ। ଉଭୟ ଏକ ବର୍ଷ ପ୍ରେମ କଲା ପରେ ଶେଷରେ ଶିବ ମନ୍ଦିରରେ ବିବାହ କରିଛନ୍ତି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ହାତୀଗଡ଼ ଗ୍ରାମର ୭୦ ବର୍ଷର ବୃଦ୍ଧ ଚୈତନ୍ୟ ସରେନ ଜଣେ କୃଷ୍ଠ ରୋଗୀ ଓ ଦୃଷ୍ଟିହୀନ। ଜଳେଶ୍ୱର ସହରର ବଡବଜାର ବାରମୁହାଁ ପୋଲ ଉପରେ ରହି ଭିକ ମାଗି ନିଜର ପେଟ ପୋଷନ୍ତି। ସେହି ହାତୀଗଡ଼ ଗ୍ରାମର ଯବା ସରେନ ନାମକ ୬୫ ବର୍ଷର ବୃଦ୍ଧା ସ୍ୱାମୀଙ୍କ ମୃତ୍ୟୁ ପରେ ଅସହାୟ ହୋଇଗଲେ ଅନ୍ୟପଟେ ଏକ ମାତ୍ର ପୁଅ ବୃଦ୍ଧା ବିଧବା ମାଆକୁ ପର କରି ଦେବାରୁ ଯବା ଭିକ ମାଗି ପେଟ ପୋଷିବା ପାଇଁ ଜଳେଶ୍ୱର ସହରକୁ ଚାଲି ଆସନ୍ତି। ଏକ ବର୍ଷ ତଳେ ଚୈତନ୍ୟ ସହିତ ଯବାର ସାକ୍ଷାତ ହୁଏ ଆଉ ସେହିଠାରେ ଉଭୟଙ୍କର ପ୍ରେମ ସମ୍ପର୍କ ଗଢି ଉଠେ ,ସେହି ଦିନ ଠାରୁ ଉଭୟ ଉଭୟଙ୍କର ସାହାରା ହୁଅନ୍ତି, ଯବା ଅନ୍ଧ ଚୈତନ୍ୟର ସେବା କରି ଆସନ୍ତି, ଏ ସମାଜ ବୃଦ୍ଧ ଓ ବୃଦ୍ଧାଙ୍କର ପ୍ରେମ ସମ୍ପର୍କକୁ ଖରାପ ନଜରକୁ ନିଅନ୍ତି ଆଉ ସମାଜର ଟାହି ଟାପରାରୁ ବଂଚିତ ହେବା ପାଇଁ ଆଜି ଶାସନବାଡ଼ସ୍ଥିତ ଶିବ ମନ୍ଦିରରେ ଶିବଙ୍କୁ ସାକ୍ଷୀ ରଖି ଉଭୟ ବିବାହ କରିଛନ୍ତି। ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାରର ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



**● ଫିଲ୍ମ ଷ୍ଟାଇଲ୍‌ରେ ଅପହରଣ**

## ଗୋଡ଼େଇ ଗୋଡ଼େଇ ଧରିଲା ଟାଉନ ପୁଲିସ

ଭଦ୍ରକ,୩।୫(ସମିସ): ସହର ମଝିରେ ଫିଲ୍ମ ଷ୍ଟାଇଲ୍‌ରେ କିଡ୍‌ନାପ। ଗାଡ଼ିରେ ଆସିଲେ ରାସ୍ତାରେ ଯାଉଥିବା ବ୍ୟକ୍ତିଙ୍କୁ ହାତ ଗୋଡ଼ ଧରି ଗାଡ଼ିରେ ପକାଇ ଫେରାର୍ ହୋଇଗଲେ। ପ୍ରଥମେ ପ୍ରଥମେ ଏହାକୁ କୌଣସି ସାଦା ପୋଷାକରେ ଥିବା ପୁଲିସର କାମ ବୋଲି ସନ୍ଦେହ ହେଉଥିବାବେଳେ ପରେ କିନ୍ତୁ ପୁଲିସ ଉକ୍ତ ଗାଡ଼ିକୁ ଗୋଡ଼େଇ ଧରିବା ପରେ ଘଟଣା ସାମ୍ନାକୁ ଆସିଛି। ତେବେ ଟଙ୍କା କାରବାରକୁ ନେଇ ଗଞ୍ଜାମରୁ ଆସି ଭଦ୍ରକରୁ କିଡ୍‌ନାପ କରୁଥିବା ପ୍ରାଥମିକ ସୂଚନା ମିଳିଛି। ଭଦ୍ରକ ଟାଉନ ଥାନା ଅଧୀନ ପୋଷ୍ଟ ଅଫିସ ଛକ ନିକଟ ପେଟ୍ରୋଲ ଟାଙ୍କି ନିକଟରୁ ଏକ ବୋଲେରୋ ଗାଡ଼ିରେ ଆସିଥିବା କେତେକ ଯୁବକ ଜନୈକ ଯୁବକଙ୍କୁ ଟେକି ନେଇ ଫେରାର୍ ହୋଇଥିଲେ। ଯୁବକଙ୍କ ଜୋତା ଓ ପନିପରିବା ସେହି ସ୍ଥାନରେ ପଡ଼ି ରହିଥିଲା।



ତେବେ ଲୋକେ ଏହି ଘଟଣାକୁ ସାଦା ପୋଷାକରେ ଥିବା ପୁଲିସ କୌଣସି ଅପରାଧୀକୁ ଧରିଥିବା ଭାବିଥିଲେ। କିନ୍ତୁ କିଛି ସମୟ ପରେ ଭଦ୍ରକ ଟାଉନ ଥାନାଧିକାରୀ ପ୍ରଭାଂସୁ ମିଶ୍ରଙ୍କ ଟିମ୍ ନାକାବନ୍ଦୀ କରି ସମ୍ପୃକ୍ତ ଗାଡ଼ିକୁ ଅଟକ ରଖିବା ସହ ଯୁବକଙ୍କୁ ଉଦ୍ଧାର କରି ୩ ଅପହରକାରୀଙ୍କୁ ଅଟକ ରଖାଯାଇଛି। ତେବେ କାଜୁ ବେପାରରେ ୭୦ ଲକ୍ଷ ଟଙ୍କା ଠକେଇ ପାଇଁ ଏଭଳି ଅପହରଣ ହେଉଥିବା କହିଛନ୍ତି। ଏହି ଘଟଣା ସହରରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

## ଦୁର୍ଘଟଣାରେ ଶିଶୁ ଗୁରୁତର

ନୀଳଗିରି, ୩।୫ (ସମିସ): ଏକ ବାଇକରେ ଦ୍ରୁତଗତିରେ ପଛରୁ ଆସି ଅନ୍ୟଏକ ବାଇକକୁ ଧକ୍କାଦେବା ଫଳରେ ଜଣେ ନାବାଳକ ଶିଶୁପୁତ୍ର ଗୁରୁତର ହେବାସହିତ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ନୀଳଗିରି ବ୍ଲକ୍ ବରହମପୁର ଅଞ୍ଚଳର ଅମିତ୍ କୁମାର ଦାସ ନିଜ ପୁଅ, ଝିଅ ଏବଂ ସ୍ତ୍ରୀ ସହିତ ସୋର ମଙ୍ଗଳପୁର ଅଞ୍ଚଳର ବନ୍ଧୁଘରୁ ଶେରଗଡ଼ ଦେଇ ବରହମପୁର ଘରକୁ ଫେରୁଥିଲେ। ସନ୍ଧ୍ୟା ପ୍ରାୟ ୭ଟା ସମୟରେ ବାଲିଗୋହିରୀ ଶନିମନ୍ଦିର ନିକଟରେ ପଛପଟୁ ଧୋବଶିଳା ଗ୍ରାମର ବସନ୍ତ ମଲ୍ଲିକଙ୍କ ପୁଅ ସୁଶୀଲ ମଲ୍ଲିକ ଏକ ପଲ୍ସର ଗାଡ଼ିରେ ଆସି ପଛପଟୁ ଧକ୍କାଦେବା ଫଳରେ ଅମିତଙ୍କ ପରିବାର ସହିତ ସୁଶୀଲ ପଡ଼ିଯାଇଥିଲେ। ଫଳରେ ଅମିତଙ୍କ ୭ବର୍ଷର ଶିଶୁପୁତ୍ରଙ୍କ ମୁଣ୍ଡରେ ଗଭୀର କ୍ଷତ ଦେଖିବାକୁ ମିଳିଥିଲା ବେଳେ ଅମିତ୍ ଏବଂ ତାଙ୍କ ସ୍ତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ମାତ୍ର ଝିଅର କୌଣସି କ୍ଷତି ହୋଇନଥିବା ବେଳେ ସୁଶୀଲଙ୍କର ନାକରୁ ରକ୍ତସ୍ରାବ ହେଉଥିବା ବେଳେ ସମସ୍ତଙ୍କୁ ନୀଳଗିରି ମେଡିକାଲ ଆଣି ଚିକିତ୍ସା କରାଯାଇଥିବା ଜଣାଯାଇଛି।

## ବନ୍ଦେ ଭାରତ ଏକ୍ସପ୍ରେସରୁ ନାବାଳିକା ଉଦ୍ଧାର

ବାଲେଶ୍ୱର, ୩।୫ (ସମିସ): ରବିବାର ଦିନ ବନ୍ଦେ ଭାରତ ଏକ୍ସପ୍ରେସରୁ ଜଣେ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। କୌଣସି ଅଭିଭାବକ କିମ୍ବା ଟିକେଟ୍ ନଥାଇ ସେ ଏହି ଟ୍ରେନରେ ଯାତ୍ରା କରୁଥିଲେ। ଗତକାଲି ଟ୍ରେନ୍ ନଂ-୨୨୮୯୬ ବନ୍ଦେ ଭାରତ ଏକ୍ସପ୍ରେସ ବାଲେଶ୍ୱର ଷ୍ଟେସନ ଛାଡ଼ିବା ପରେ (ସି-୧୦) କୋଚ୍‌ରେ ଟିକେଟ୍ ଯାଞ୍ଚ କରାଯାଉଥିଲା। ଏହି ସମୟରେ ଟିଟିଇ ଅଭିଜିତ ଦେ ଜଣେ ନାବାଳିକା ଏକୁଟିଆ ବସିଥିବା ଦେଖିବାକୁ ପାଇଥିଲେ। ପଚରାଉଚରା ସମୟରେ ନାବାଳିକା ଜଣକ ଘରୁ ପଳାଇ ଆସିଥିବା ସ୍ୱୀକାର କରିଥିଲେ। ଘଟଣାର ଗୁରୁତ୍ୱ ଓ ନାବାଳିକାର ସୁରକ୍ଷାକୁ ଦୃଷ୍ଟିରେ ରଖି ଟିଟିଇ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ। ଟ୍ରେନ୍‌ଟି ଖଡ଼ଗପୁର ଷ୍ଟେସନରେ ପହଞ୍ଚିବା ପରେ ତାଙ୍କୁ ରେଳ ସୁରକ୍ଷା ବଳକୁ ହସ୍ତାନ୍ତର କରାଯାଇଥିଲା। ବର୍ତ୍ତମାନ କିଶୋର ନ୍ୟାୟ ଅଧିନିୟମର ନିୟମ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

## ନାରାୟଣୀ ହାଇସ୍କୁଲ ପାଇଁ ଗୌରବ ଆଣିଲେ ପ୍ରାର୍ଥନା

ଅସୁରାଳି,୩।୫(ସମିସ): ଚଳିତ ବର୍ଷ ପ୍ରକାଶିତ ମାଟ୍ରିକ୍ ପରୀକ୍ଷା ଫଳାଫଳରେ ଧାମନଗର ବ୍ଲକ୍‌ର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବ୍ଲକ୍‌ର ମେଧା ତାଲିକା ଭିତରେ ନାରାୟଣୀ ହାଇସ୍କୁଲର ଛାତ୍ରୀ ପ୍ରାର୍ଥନା ନାୟକ ୫୪୦ ମାର୍କ ରଖି ନିଜର କରିସ୍ମା ଦେଖାଇଛନ୍ତି। ପ୍ରାର୍ଥନା ଧୂଷୁରୀ ଅଞ୍ଚଳ ପାଇଁ ଗୌରବ ଅଣିଥିବାରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ହସନାବାଦ ସମିତିସଭ୍ୟା ଅଭିଲିପ୍ସା ରାଉତ, ଅବସରପ୍ରାପ୍ତ ଶିକ୍ଷକ ଧରଣୀଧର ବସନ୍ତିଆ, ପ୍ରଧାନଶିକ୍ଷକ ବିକ୍ରମ ଶତପଥୀ ଏବଂ ସାମ୍ବାଦିକ ରତିକାନ୍ତ ନାୟକ ପ୍ରମୁଖ ପ୍ରାର୍ଥନାଙ୍କ ଘରେ ପହଞ୍ଚି ତାଙ୍କୁ ଫୁଲତୋଡ଼ା, ପୁରସ୍କାର ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇବା ସହିତ ତାଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ପ୍ରାର୍ଥନା ଧୂଷୁରୀସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଓ ଗବେଷଣା କେନ୍ଦ୍ରରୁ ପାଠପଢ଼ା ଆରମ୍ଭ କରି, ପରେ ସେ ପଙ୍ଗଟାସ୍ଥିତ ନାରାୟଣୀ ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଥିଲେ। ପ୍ରତ୍ୟକ ଦିନ ସେ ୧୪ରୁ ୧୬ ଘଣ୍ଟା ପାଠ ପଢୁଥିଲେ। ସେ ତାଙ୍କର ବାପା ବିପଦ ଭଞ୍ଜନ ନାୟକ, ମାଆ ଅନ୍ନପୂର୍ଣ୍ଣା ସ୍ୱାଇଁ ଏବଂ ଶିକ୍ଷକଙ୍କ ଆଶୀର୍ବାଦରୁ ଏହି କୃତିତ୍ୱ ହାସଲ କରିଛନ୍ତି ଏବଂ ଆଗକୁ ଜଣେ ଭଲ ଡାକ୍ତର ହେବା ନେଇ ସ୍ୱପ୍ନ ଦେଖୁଛନ୍ତି ବୋଲି କହିଛନ୍ତି।



## ଗଳିପୋଲ ସଫା କାହାର ଦାୟିତ୍ୱ?

ଭଣ୍ଡାରିପୋଖରୀ,୩।୫(ସମିସ): ଭଣ୍ଡାରିପୋଖରୀ ଥାନା ଅଞ୍ଚଳ ମଧ୍ୟରେ ଥିବା ଜାତୀୟ ରାଜପଥର ପ୍ରାୟ ସବୁ ଗଳିପୋଲ ରାସ୍ତା ପୂତି ଗନ୍ଧମୟ ପରିବେଶରେ ରହୁଛି। ଖାଲଖମା ହୋଇଥିଲେ ମଧ୍ୟ ରାଜପଥ ପ୍ରାଧିକରଣ ସଂସ୍ଥାର ଦୃଷ୍ଟି ନାହିଁ। ଆବର୍ଜନା ସଫେଇ ଦାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜପଥ କର୍ତ୍ତୃପକ୍ଷ ନା ବ୍ଲକ୍ ପରିମଳ ବିଭାଗ ନା ଗ୍ରାମ ପଞ୍ଚାୟତମାନଙ୍କର ଦାୟିତ୍ୱ ତାହା ସ୍ପଷ୍ଟ ହେଉନାହିଁ। ପୋଷ୍ଟ ଅଫିସ, ବ୍ଲକ୍ ଅଫିସକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଆଲୁଅ ବ୍ୟବସ୍ଥା ବି ଠପ୍ ହୋଇଛି ଅନେକ ଗଳି ପୋଲରେ। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି।



## ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

ଦୋଳସାହି,୩।୫(ସମିସ): ତିହିଡ଼ି ବ୍ଲକ୍ ସିଦୋଳ ପଞ୍ଚାୟତ ଅଧୀନ ନୂଆପାଟଣା ଗ୍ରାମସ୍ଥିତ ଶ୍ରୀଲକ୍ଷ୍ମୀନାରାୟଣଜୀଉଙ୍କ ୨୨ତମ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ୩ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞର ପୂର୍ଣ୍ଣାହୁତି ପର୍ବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପୂର୍ବାହ୍ଣରେ କଳସ ଶୋଭାଯାତ୍ରା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୁରୁବାର ଯଜ୍ଞ ସହ ନାମ ସଂକୀର୍ତ୍ତନ ପରେ ପୂର୍ଣ୍ଣାହୁତି ଅବସରରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ମନ୍ଦିର ନିକଟରେ ସମାଗମ ହୋଇଥିଲା। କର୍ତ୍ତା ରୂପେ ପ୍ରଦୀପ କୁମାର ଦାସ ଓ ତାଙ୍କ ସ୍ତ୍ରୀ ପ୍ରତିଭା ଦାସ, ପୁରୋହିତ ଭାବେ ନରେନ୍ଦ୍ର ପାଣି, ଅନୀଲ ପାଣି, ଦିଗ୍‌ବିଜୟ ଦାସ, ରଶ୍ମିରଞ୍ଜନ ଦାସ, ସଦାନନ୍ଦ ପାଣି ଏବଂ ଗୟାଧର ପଣ୍ଡା କାର୍ଯ୍ୟ ତୁଲାଇଥିଲେ। ପୂଜା କମିଟି ସଭାପତି କାଳନ୍ଦୀ ଦାସ, ସମ୍ପାଦକ କପିଳେନ୍ଦ୍ର ବାରିକଙ୍କ ସମେତ ଧୀରେନ୍ଦ୍ର ସାହୁ, ସୁଧାକର ଜେନା, ଘନଶ୍ୟାମ ପରିଡ଼ା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

**ରବି ଧାନ କିଣାରେ ସରକାରୀ ପେଞ୍ଚ**

## ପଞ୍ଜୀକରଣ ବୃଦ୍ଧି ହେବନି; ବାଦ୍ ପଡ଼ିଲେ ବହୁ ଚାଷୀ

ବାଲେଶ୍ୱର(ଉତ୍ତର), ୩।୫(ସମିସ) : ସରକାରଙ୍କ ଚାଷୀ ପ୍ରୀତି ପଦାରେ ପଡ଼ିଛି। ଚଳିତ ବର୍ଷ ଚାଷୀଙ୍କ ଠାରୁ ଉତ୍ପାଦିତ ସମସ୍ତ ଧାନ ନ କିଣିବା ପାଇଁ ଯୋଜନା କରିଛନ୍ତି। ବିଶେଷ କରି ରାଜ୍ୟରେ ସର୍ବାଧିକ ରବି ଧାନ ଚାଷ ହେଉଥିବା ବାଲେଶ୍ୱର ଜିଲ୍ଲାର ଚାଷୀମାନେ ଏବେ ଅଭାବୀ ବିକ୍ରି ର ସାମ୍ନା କରିବାକୁ ପଡ଼ିବ ଯାହା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗାଣ ବିଭାଗ ମନ୍ତ୍ରୀଙ୍କୁ ଲେଖିଥିବା ଚିଠିର ଉତ୍ତର ରୁ ସ୍ପଷ୍ଟ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ରାଜ୍ୟ ସରକାର ରବି ଧାନ ବିକ୍ରି ପାଇଁ ପଞ୍ଜିକରଣର ଅବଧି ସ୍ୱଳ୍ପ ଦିନ ରଖିଥିଲେ। ସେଥିପାଇଁ ରାଜ୍ୟର ଚାଷୀମାନଙ୍କ ମଧ୍ୟରୁ ହଜାର ହଜାର ଚାଷୀ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିପାରି ନଥିଲେ। କାରଣ ଏଥିପାଇଁ ବିଭାଗ ପକ୍ଷରୁ ଖୁବ୍ କମ୍ ସମୟ ଦିଆଯାଇଥିଲା ଏବଂ ଉପଯୁକ୍ତ ବ୍ୟବସ୍ଥା ମଧ୍ୟ କରାଯାଇନଥିଲା। ଚାଷୀ ଭାବିଥିଲେ ଯେ ସରକାର ହୁଏତ ଏହି ପଞ୍ଜିକରଣ ର ଅବଧି କୁ ପୁଣି ବଢାଇବେ। ମାତ୍ର ତାହା ଏପର୍ଯ୍ୟନ୍ତ ହେଲା ନାହିଁ। ତେଣୁ ପଞ୍ଜୀକରଣରୁ ବଞ୍ଚିତ ଚାଷୀମାନଙ୍କ ଅନୁରୋଧକ୍ରମେ ବିଧାୟକ ଶ୍ରୀ ଦାସ ଗତ ମାର୍ଚ୍ଚ ୨୬ ତାରିଖରେ ମାନ୍ୟବର ଯୋଗାଣ ମନ୍ତ୍ରୀଙ୍କୁ ଚିଠି ଲେଖି ପଞ୍ଜୀକରଣ ଅବଧି ସପ୍ତାହେ ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ। ମାତ୍ର ନିକଟରେ ସରକାରଙ୍କ ଖାଦ୍ୟ ଓ ଯୋଗାଣ ବିଭାଗର ଉପସଚିବ ଉକ୍ତ ଚିଠିର ଉତ୍ତରରେ ଜଣାଇଛନ୍ତି ଯେ ଆଉ ରବି ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ ତାରିଖ ଘୁଞ୍ଚାଇବା ସମ୍ଭବ ନୁହେଁ। ଅର୍ଥାତ ସରକାର ଏବର୍ଷ ରବି ଋତୁରେ ଉତ୍ପାଦିତ ସବୁ ଚାଷୀଙ୍କ ଧାନ କିଣିବେ ନାହିଁ। ଏହାକୁ ନେଇ ବାଲେଶ୍ୱର ଜିଲ୍ଲା ର ପଞ୍ଜିକରଣ ରୁ ବଞ୍ଚିତ ହୋଇଥିବା ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଲକ୍ଷ ଲକ୍ଷ ଟଙ୍କା ଋଣ ଧାର କରି ଚାଷ କରିବା ସହିତ ଏବର୍ଷ ପ୍ରତିକୂଳ ପାଗରେ ଅମଳ କରିଥିବା ହଜାର ହଜାର କ୍ୱିଣ୍ଟାଲ ଧାନକୁ କିପରି ବିକ୍ରି କରିବେ ସେନେଇ ଚିନ୍ତାରେ ପଡିଛନ୍ତି।

## ସୋର ଚନ୍ଦନ ଯାତ୍ରାରେ ଝୁମିଲେ ଦର୍ଶକ



ସୋର,୩।୫ (ସମିସ): ସୋର କଚେରୀ ରୋଡ ସ୍ଥିତ ବଡପୋଖରୀରେ ମା ତାରିଣୀ ଚନ୍ଦନ କମିଟି ପକ୍ଷରୁ ୨ଦିନ ଧରି ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଡପୋଖରୀରେ ଘୋଡାସାହିର ରାଧାବଲ୍ଲଭ ଠାକୁରଙ୍କୁ ନେଇ ଚାପ ଖେଳ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ସୋର ବିଧାୟକ ମାଧବ ଧଡା, ପାରିଷଦ ରମେଶଚନ୍ଦ୍ର ସିଂହ, ଶେଖ ସୁଲତାନ, ପବିତ୍ର ସେଠୀ ପ୍ରମୁଖ ଯୋଗ ଦେଇ ଚନ୍ଦନ ଯାତ୍ରାର ମହତ୍ୱ ବାବଦରେ ଆଲୋଚନା କରିବା ସହିତ କମିଟିର ଏପରି ପ୍ରୟାଶକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସନ୍ଦିପ ସାହୁ ମେମୋରିଆଲ ତରଫରୁ ସମସ୍ତ ନୃତ୍ୟଶିଳ୍ପି ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ କମେଡି କିଙ୍ଗ ପପୁ ପମପମ ଓ ଷ୍ଟାଇଲିସ ଟୁକୁନାଙ୍କ ହାସ୍ୟ ଅଭିନୟରେ ଦର୍ଶକମାନେ ଖୁବ ଉତ୍ସାହର ସହ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ କମିଟିର ସଦସ୍ୟ ସତ୍ୟଜିତ୍ ସାହୁ, ଶ୍ରୀଧର ଧଡା, ରୋହିତ ଧଡା, ତାରକା ଦତ୍ତ, ମିତାଲି ସଡଙ୍ଗୀ, ଗୌରୀ ଶଙ୍କର ସିଂ, ଜୀବନ ଦାଶ ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟ ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।

**● ରାଜ୍ୟସ୍ତରୀୟ ବରିଷ୍ଠ, ଉପ କନିଷ୍ଠ ଟେନିକଏଟ୍ ପ୍ରତିଯୋଗିତା**

## ଭଦ୍ରକ ଜିଲ୍ଲାର ୨୪ ଖେଳାଳିଙ୍କ ନାମ ଘୋଷଣା

ଭଦ୍ରକ,୩।୫(ସମିସ): ଜବାହରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ବରିଷ୍ଠ ଓ ଉପ କନିଷ୍ଠ ଟେନିକଏଟ୍ ପ୍ରତିଯୋଗିତା ମେ' ୪ରୁ ଆରମ୍ଭ ହୋଇ ୬ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଟେନିକଏଟ୍ ସଂଘ ତା'ର ୧୨ ଜଣ ଲେଖାଏଁ ବାଳକ ଓ ୧୨ ଜଣ ବାଳିକା ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ପୁରୁଷ ଦଳରେ ଭଦ୍ରକ ଜିଲ୍ଲାରୁ ତନ୍ମୟ ବଳ, ଆୟୁଷ କବାଟ, ରାଜେଶ ନାୟକ, ମନୋଜ ନାୟକ, ତନବୀର ବଳ, ଅର୍ଜୁନ ଦାସ, ସଞ୍ଜୀବ ମହାନ୍ତି, ରୋହିତ୍ ଗୋଛାୟତ, ଦିବ୍ୟାଂଶୁ ସିଂ, ବିକାଶ ମୁର୍ମୁ, ଅଙ୍କିତା ବେହେରା, ଆକୃତି ବେହେରା, ଅର୍ପିତା ମହାନ୍ତି, ଉର୍ମି ଦାସ, ଲକ୍ଷ୍ମୀ କୁମାରୀ ସାହାଣୀ, ସୋନାକ୍ଷୀ ନାୟକ, ଦେବସ୍ମିତା ଦାସ, ଜସ୍ମିନ୍ ମହାପାତ୍ର, ମଧୁସ୍ମିତା ନାୟକ, ପ୍ରିତିମୟୀ ଧଳ ମନୋନୀତ ହୋଇଛନ୍ତି। ଏହି ଖେଳାଳିମାନଙ୍କ ସଫଳତା ନିମନ୍ତେ ଭଦ୍ରକ ଜିଲ୍ଲା ଟେନିକଏଟ୍ ସଂଘର ସମ୍ପାଦକ ମନୋଜ ସାହୁ, ପିଏମ୍‌ଶ୍ରୀ ବିନ୍ଦୁ ମାଧବ ବାଗୁରାର ସ୍କୁଲର ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ, କ୍ରୀଡ଼ା ଶିକ୍ଷକ ତପନ କୁମାର ମିଶ୍ର, ସଭାପତି ଗୋଲକ ନାୟକ, ସୁବାସ ଦିକ୍ଷୀତ୍, ଭବେଶ ଦାସ, ନାରାୟଣ ବେହେରା, ଚନ୍ଦନ ଦେ, ରାଜେଶ୍ ଦାସ, ରାଜତିଲକ୍ ସ୍ୱାଇଁ, ସତ୍ୟଜିତ୍ ପରମାଣିକ୍, ଗୁରୁ ଚରଣ ପହି, ବିଶ୍ୱରଞ୍ଜନ ସାହୁ, ଲକ୍ଷ୍ମୀ ନାରାୟଣ ମହାନ୍ତି, ଶିବ ଚରଣ ସୌରଭ, ରଶ୍ମିତା ନାୟକ, ସମସ୍ତ ସଦସ୍ୟ ଓ ବରିଷ୍ଠ ଖେଳାଳିମାନେ ଶୁଭେଚ୍ଛା ଜଣାଇବା ସହିତ ସେ କିପରି ରାଜ୍ୟସ୍ତରରେ ଭଲ ଖେଳ ପ୍ରଦର୍ଶନ କରନ୍ତୁ ତାଙ୍କର ଶୁଭକାମନା ମନାସିଛନ୍ତି।



## ଜାଳିଦେଲେ ଗୋରୁ ବୋଝେଇ ଗାଡ଼ି

ଭଦ୍ରକ,୩।୫(ସମିସ): ଗୋରୁ ବୋଝେଇ କରି ନେଇ ଯାଉଥିବା ଏକ ଓମିନି ଗାଡ଼ିକୁ ଜାଳିଦେଲେ ଲୋକେ। ଭଦ୍ରକ ବ୍ଲକ୍ ସାବରଙ୍ଗ ଥାନା ଅଧୀନ ବାସୁଦେବପୁର ରାସ୍ତାର ଭଟ୍ଟତିରା ଷ୍ଟେସନ ଛକ ନିକଟରେ ଘଟିଛି ଏଭଳି ଘଟଣା। ରବିବାର ସକାଳୁ ଗାଡ଼ିଟିକୁ ଜଳାଯାଇଥିବା ବେଳେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି। ଗାଡ଼ି ଜଳିବା ପୂର୍ବରୁ ଗୋରୁଗୁଡ଼ିକୁ ବାହାରକୁ କାଢ଼ି ଦିଆଯାଇଛି। ସାବରଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



## ଧୂଷୁରୀ ପ୍ରେସ୍ ୟୁନିଅନ ପକ୍ଷରୁ ଶ୍ରମିକ ଦିବସ



ଅସୁରାଳି,୩।୫(ସମିସ): ଜଣେ ଶ୍ରମିକ କେବଳ ପାରିଶ୍ରମିକ ପାଇଁ କାମ କରେ ନାହିଁ, ବରଂ ନିଜର ଶ୍ରମ ମାଧ୍ୟମରେ ସମାଜକୁ ଏକ ସୁନ୍ଦର ଓ ବାସୋପଯୋଗୀ ପରିବେଶ ପ୍ରଦାନ କରେ। ଏହି ପରିପ୍ରେକ୍ଷୀରେ ଧୂଷୁରୀସ୍ଥିତ ହୃଦାନନ୍ଦ ପାଠାଗାର ପରିସରରେ ଧୂଷୁରୀ ପ୍ରେସ୍ ୟୁନିଅନ୍ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସମାଜ ଗଠନରେ ଶ୍ରମିକମାନଙ୍କ ଅବଦାନକୁ ସମ୍ମାନ ଜଣାଇବା ସହ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଧୂଷୁରୀ ପ୍ରେସ୍ ୟୁନିଅନ୍ ସଭାପତି ସନ୍ତୋଷ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଶ୍ରୀଧର ସାହୁ ଯୋଗଦେଇ ଶ୍ରମିକ ଶକ୍ତିର ଗୁରୁତ୍ୱ ଓ ସେମାନଙ୍କ ସାମାଜିକ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଲୋକ କାନୁନ୍‌ଗୋ ଉପସ୍ଥିତ ରହି ଶ୍ରମିକମାନଙ୍କୁ ସମାଜର ପ୍ରକୃତ କର୍ଣ୍ଣଧାର ଭାବେ ଅଭିହିତ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ସମାଜସେବୀ ରବୀନ୍ଦ୍ର ନାୟକ, ଉପସଭାପତି ଲକ୍ଷ୍ମୀ ନାରାୟଣ ମିଶ୍ର, ସହ ସମ୍ପାଦକ ଅନନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ଥାନୀୟ ସାମ୍ବାଦିକ ଓ ବୁଦ୍ଧିଜୀବୀ ଯୋଗଦେଇ ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ।

**ପାଣିରେ ପଡ଼ିଲା ୩ କୋଟି ୨୯ ଲକ୍ଷ**

## ୮ ମାସ ନ ପୂରୁଣୁ ଫାଟି ଆଁ କଲାଣି ସାତଭଉଣୀ-ଚୁନିଦା ରାସ୍ତା

ଅସୁରାଳି,୩।୫(ସମିସ)

ସରକାରୀ ଅର୍ଥର ହରିଲୁଟ୍ ଏବଂ ନିମ୍ନମାନର କାର୍ଯ୍ୟର ଜ୍ୱଳନ୍ତ ନମୁନା ପାଲଟିଛି ଭଦ୍ରକ ବ୍ଲକ୍‌ର ସାତଭଉଣୀ-ଚୁନିଦା ରାସ୍ତା। ପ୍ରାୟ ୩ କୋଟି ୨୯ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ରାସ୍ତାର କାର୍ଯ୍ୟ ଶେଷ ହେବାର ୮ ମାସ ମଧ୍ୟ ପୂରିନି, କିନ୍ତୁ ଏବେଠାରୁ ରାସ୍ତା ଫାଟି ଆଁ କଲାଣି। କୋଟି କୋଟି ଟଙ୍କା ପାଣିରେ ପଡ଼ିଥିବାବେଳେ ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ସଲାସୁତରା ଯୋଗୁଁ ସାଧାରଣ ଜନତା ଏବେ ମରଣଯନ୍ତା ଦେଇ ଯାତାୟାତ କରୁଛନ୍ତି।

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ଏହି ୪.୧୫୦ କି.ମି. ରାସ୍ତା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ହୋଇଛି। କାଗଜପତ୍ରରେ କାର୍ଯ୍ୟ ସରିଥିବା ଦର୍ଶାଯାଇଥିଲେ ହେଁ, ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ମାତ୍ର କିଛି ମାସ ମଧ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବା ସହ ପିଚୁ ଛାଡ଼ି ଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଠିକାଦାର ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରି ପୂରା ୩ କୋଟିରୁ ଅଧିକ ଟଙ୍କା ହରିଲୁଟ୍ କରିଛନ୍ତି। ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। କାଳବୈଶାଖୀ ବର୍ଷା ଯୋଗୁଁ ରାସ୍ତାରେ ସୃଷ୍ଟି ହୋଇଥିବା ଫାଟ ଏବଂ ଗାତରେ ପାଣି ଜମି ରହୁଥିବାରୁ ଦୁର୍ଘଟଣା ନିତିଦିନିଆ ଘଟଣା ପାଲଟିଛି। ୧୫ରୁ ଅଧିକ ପଞ୍ଚାୟତର ଜନସାଧାରଣ, ବିଶେଷ କରି ସ୍କୁଲ ଯାଉଥିବା କୋମଳମତି ଛାତ୍ରଛାତ୍ରୀ ଏବଂ ରୋଗୀମାନେ ଏହି ରାସ୍ତାରେ ଯିବାବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନିକ ଅବହେଳା ଏବଂ ଠିକାଦାରଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ସ୍ପଷ୍ଟ ଚେତାବନୀ ଦିଆଯାଇଛି ଯେ, ଯଦି ତୁରନ୍ତ ଏହି ଦୁର୍ନୀତିର ତଦନ୍ତ କରାଯାଇ ରାସ୍ତାର ପୁନଃ ମରାମତି କରା ନ ଯାଏ, ତେବେ ଆଗାମୀ ଦିନରେ ବ୍ୟାପକ ରାସ୍ତାରୋକ ଆନ୍ଦୋଳନ କରାଯିବ।



